ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.23 . No.22, Bhubaneswar Thursday, February 27, 2020 | ୨୩ତମ ବର୍ଷ | ସଂଖ୍ୟା-୨୨ | ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୭, ୨୦୨୦ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | ₹ 1.50 | (Air Surcharge - 0.50P) | Member-INS


## ବିଧାନସଭାର ପ୍ରଥମ ପର୍ଯ୍ୟାୟ ଅଧିବେଶନ ଶେଷ : ମାର୍ଚ୍ଚ ୧୧ ପର୍ଯ୍ୟନ୍ତ ଗୃହ ମୁଲତବୀ

ଭୁବନେଶ୍ୱର, ୨୬।୨(ପି.ଏନ): ଗତ ୧୪ ତାରିଖ ଠାରୁ ଆରମ୍ଭ ହୋଇଥିବା ଓଡ଼ିଶା ବିଧାନସଭାର ପ୍ରଥମ ପର୍ଯ୍ୟାୟ ଅଧିବେଶନ ଆଜି ଶେଷ ହୋଇଛି । ଏହି ଅଧିବେଶନ ୯ ଦିନ ପାଇଁ ବସିଥିଲା । ପ୍ରଥମ ପର୍ଯ୍ୟାୟ ଅଧିବେଶନ ଶଷ ହେବା ପରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ମାର୍ଚ୍ଚ ୧୧ ତାରିଖ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି। ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିରୁ ଏହି ଅଧିବେଶନ ବହୁ ଗୁରୁତ୍ୱପୂର୍ଣ୍ଣ ଥିଲା । ଅଧିବେଶନର ପ୍ରଥମ ଦିନରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ତାଙ୍କର ଅଭିଭାଷଣ ପ୍ରଦାନ କରିଥବଲେ । ଏହା ଉପରେ ମୁଖ୍ୟ ସଚେତକ ଶ୍ରୀମତି ପ୍ରମିଳା ମଲ୍ଲିକ ଧନ୍ୟବାଦ ପ୍ରସ୍ତାବ ଆଣିଥିଲେ । ଧନ୍ୟବାଦ ପ୍ରସ୍ତାବ ଦୁଇ ଦିନ ଧରି ଆଲୋଚନା କରାଯାଇଥିଲା ।ଏହା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିବଂଗତ ସଦସ୍ୟ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଶୋକ ପ୍ରସ୍ତାବ ଆଗତ କରିଥିଲେ । ଏହା ପରେ ବିଭିନ୍ନ ବିଧାୟକ ଦଳ ସମେତ ବାଚସ୍ପତି ଅଂଶ ଗ୍ରହଣ କରିଥିଲେ । ସେମାନଙ୍କର ଆତ୍ମାର ସଦ୍‌ଗତି ପାଇଁ ୧ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଅନ୍ୟ ପକ୍ଷରେ ଗତ ୧୮ ତାରିଖରେ ରାଜ୍ୟ ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ୧ ଲକ୍ଷ ୫୦ ହଜାର ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ୍ ଗୃହରେ ଉପସ୍ଥାପନ କରିଥିଲେ । ବଜେଟ୍ ଉପରେ ସାଧାରଣ ଆଲୋଚନା ପାଇଁ ୩ ଦିନ ରଖାଯାଇଥିଲେ ହେଁ ବିରୋଧି ଦଳର ହଟ୍ଟଗୋଳ ଯୋଗୁଁ ପ୍ରଥମ ଦିନ ହୋଇପାରିନଥିଲା । ଆଜିକୁ ମିଶାଇ ଦୁଇଦିନ ଆଲୋଚନା କରାଯାଇଥିଲା । ଗତ ୧୯ ତାରିଖ ଦିନ ଓବିସି ସଂଶୋଧନ ବିଲି ଉପରେ ସଂକଳ୍ପ ନିଆଯାଇଥିଲା। ଏବଂ ପରେ ଆଲୋଚନା ହୋଇ ଗୃହୀତ ହୋଇଥିଲା । ସେହିପରି କୃପାଲୁ ମହାରାଜ ଘରୋଇ ବିଶ୍ୱ ବିଦ୍ୟାଳୟ ବିଲ୍ ଆଲୋଚନାରେ ପାରିତ ହୋଇଥିଲା । ଏହା ବ୍ୟତୀତ ୮ଟି ବିଶ୍ୱ ବିଦ୍ୟାଳୟର ଅଡିଟ୍ ରିପୋର୍ଟ ଗତକାଲି ଗୃହରେ ଉପସ୍ଥାପନ ହୋଇଥିଲେ । ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ ସାହୁ ଉପସ୍ଥାପନ କରିଥିଲେ । ଅପରପକ୍ଷରେ ଗଂଜାମର ଗୋଳନ୍ଥରାରେ ବିଦ୍ୟୁତତାର ଲାଗି ୧୦ ଜଣ ଲୋକଙ୍କ ମୃତ୍ୟୁ ହେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରସଙ୍ଗ, ୭୦ ଲକ୍ଷ ପରିବାର ଦାରିଦ୍ର୍ୟ ସୀମାରେଖ ତଳେ ଥିବା ପ୍ରସଂଗ ଜନିତ ମୁଲତବୀ ପ୍ରସ୍ତାବ ଆଲୋଚନା ଗୃହର ବାତାବରଣକୁ ଅଧିକାଂଶ ସମୟ ସରଗରମ କରି ରଖିଥିଲା । ମଣ୍ଡିରେ ଧାନ ପଡ଼ିରହିବାକୁ ନେଇ ବିରୋଧି ଦଳ ପକ୍ଷରୁ ଦିଆଯାଇଥିବା ମୁଲତବୀ ପ୍ରସ୍ତାବ ଆଲୋଚନା ପାଇଁ ଦେଇଥିଲା ବେଳେ ତାହା ନ ଆସିବାକୁ ନେଇ ବିରୋଧି ଦଳ ମାନେ ଗତ ଦୁଇ ଦିନ ଧରି ହଟ୍ଟଗୋଳ ସୃଷ୍ଟି କରିବା, ବାଚସ୍ପତି ଏଥିନେଇ ଦେଖାଦେଇଥିବା ଅଚଳ ଅବସ୍ଥାକୁ ଏଡ଼ାଇବା ପାଇଁ ଗତ ମଙ୍ଗଳବାର ଦିନ ଗୃହ ୧୪ ଥର ମୁଲତବୀ ଏବଂ ସୋମବାର ଦିନ ଗୃହ ୬ ଥର ମୁଲତବି ରହିବା ଆଦି ଉଲ୍ଲେଖନୀୟ ଘଟଣା ଦେଖିବାକୁ ମିଳିଥିଲା । ସେହିପରି ରାଜ୍ୟ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓଡ଼ିଆ ଭାଷାକୁ କେନ୍ଦ୍ରୀୟ ଅନୁଦାନ ନ ମିଳିବା, ଅନୁଦାନ ଅର୍ଥ ବିନିଯୋଗ ନେଇ ପଂଚାୟତରାଜ ମନ୍ତ୍ରୀ ବିବୃତି ରଖିଥିଲେ ।



ରାଜ୍ୟସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗରେ ମୋ ସରକାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

## ଟିପର ସହ ବାଇକ ଧକ୍କା , ଜଣେ ମୃତ

ଜୟପୁର, ୨୬।୨(ପି.ଏନ): ବୈପାରୀଗୁଡାରେ ଟିପର ସହ ବାଇକ୍ ଧକ୍କା ହେବାରୁ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ପିଆଲକାନି ଗ୍ରାମର ପରମାନନ୍ଦ ପାଳିଗୁଡ଼ିଆ । ବୈପାରୀଗୁଡା ଥାନା ଅନ୍ତର୍ଗତ କେନ୍ଦୁଗୁଡା ପଂଚାୟତ କୁନ୍ଦୁରା ରାସ୍ତାର ଭାତଡଙ୍ଗର ଘାଟିରେ ଟିପର ସହ ବାଇକ ଦୁର୍ଘଟଣା ହୋଇଥିଲା । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ,କେନ୍ଦୁଗୁଡା ପଂଚାୟତ ପିଆଲକାନି ଗ୍ରାମର ଡ଼ମ୍ବୁରୁ ପାଳିଗୁଡ଼ିଆଙ୍କ ପୁଅ ପରମାନନ୍ଦ ପାଳିଗୁଡ଼ିଆ ଓଡି୧୦କେ ୯୧୭୩ ନମ୍ବର ଏକ ବାଇକରେ ବୈପାରୀଗୁଡା ଅଭିମିଖେ ଆସୁଥିବା ବେଳେ ବିପରୀତ ଦିଗରୁ ଯାଉଥିବା ଓଡି୧୦ଏଚ୍ ୦୪୭୨ ନମ୍ବର ବିଶିଷ୍ଟ ଟିପର ସହ ଧକ୍କା ହୋଇଥିଲେ । ଫଳରେ ବାଇକ ଆରୋହୀ ପରାମାନନ୍ଦଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ଘଟଣା ସ୍ଥଳରେ ବୈପାରୀଗୁଡା ପୋଲିସ ପହଂଚି ଘଟଣାର ତଦନ୍ତ କରିବା ଆରମ୍ଭ କରିଛି ।

## ଘନ କୁହୁଡି ନେଇ ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୨୬।୨(ପି.ଏନ): ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଛାଡିବା ପରେ ଘନ କୁହୁଡି ଦେଖାଦେବ । ଏଥିନେଇ ରାଜ୍ୟ ପାଣିପାଗ ବିଭାଗ ପକ୍ଷରୁ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରୀ କରାଯାଇଛି । ବୁଧବାର ଘନ କୁହୁଡି ହେବା ନେଇ ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରୀ କରିଛି ପାଣିପାଗ ବିଭାଗ । ଏହି ଜିଲ୍ଲା ଗୁଡିକ ହେଲା ସୁନ୍ଦରଗଡ , ଅନୁଗୁଳ , ଢେଙ୍କାନାଳ, ଖୋର୍ଦ୍ଧା , ପୁରୀ ,ନୟାଗଡ , କନ୍ଧମାଳ, କଳାହାଣ୍ଡି , ବଲାଙ୍ଗୀର ଓ ଝାରସୁଗୁଡା ।

## ଶ୍ରୀମନ୍ଦିରରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

ପୁରୀ, ୨୬।୨(ପି.ଏନ): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ଶ୍ରୀମନ୍ଦିରକୁ ଯାଇ ରତ୍ନ ସିଂହାସନ ଉପରେ ଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ଫେରିଛନ୍ତି । ଫେରିବା ସମୟରେ ସିଂହଦ୍ୱାରଠାରେ ଗଣମାଧ୍ୟମକୁ ସୂଚନା ଦେଇ କହିଲେ ଓଡିଶା ଓ ପଶ୍ଚିମବଙ୍ଗ ସଂପର୍କ ବହୁ ପୁରାତନ । ପଶ୍ଚିମବଙ୍ଗର ବାସିନ୍ଦାମାନେ ପୁରୀକୁ ତାଙ୍କର ଦ୍ୱିତୀୟ ଘର ବୋଲି ଭାବିଥାନ୍ତି । ପଶ୍ଚିମବଙ୍ଗ ବାସୀ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ । ସାଂସ୍କୃତିକ, ଭୌଗଳିକ ଓ ଆଧ୍ୟାତ୍ମିକ ଭାବରେ ଦୁଇରାଜ୍ୟ ଓତପ୍ରୋତ ଭାବେ ଜଡିତ । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ସେ ବହୁତ ଖୁସି ବୋଲି କହିଥିଲେ । ମଙ୍ଗଳବାର ରାତିରୁ ସୁଶ୍ରୀ ବାନାର୍ଜୀ ବଳିଆପଣ୍ଡା ଠାରେ ଥିବା ଇଷ୍ଟ ୱେଷ୍ଟ ହୋଟେଲରେ ବିଶ୍ରାମ ନେବା ପରେ ସକାଳୁ ଶ୍ରୀମନ୍ଦିରକୁ ଆସିଥିଲେ । ସିଂହଦ୍ୱାରଠାରେ ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀ ଓ ଜିଲ୍ଲାପାଳ ବଳବନ୍ତ ସିଂ ସ୍ୱାଗତ କରିଥିଲେ । ତାଙ୍କର ଏହି ଗସ୍ତକୁ ନେଇ ବେଶ ଆଲୋଚନା ଚାଲିଛି । ମୁଖ୍ୟମନ୍ତ୍ରୀମାନଙ୍କ ସମ୍ମିଳନୀରେ ଯୋଗଦେବାକୁ ଆସିଥିବା କଲିକତାର ମୁଖ୍ୟମନ୍ତ୍ରୀ ପୁରୀରେ ରହିବାକୁ ନେଇ ଅନେକ ଚର୍ଚ୍ଚା ମଧ୍ୟ ହେଉଛି ।

## ଦିଲ୍ଲୀ ହିଂସା ପାଇଁ କେନ୍ଦ୍ର ଦାୟୀ, ଗୃହମନ୍ତ୍ରୀଙ୍କ ଇସ୍ତଫା ଦାବି: ସୋନିଆ ଗାନ୍ଧୀ

ନୂଆଦିଲ୍ଲୀ, ୨୬।୨(ପି.ଏନ): ଦିଲ୍ଲୀରେ ହେଉଥିବା ହିଂସା ପାଇଁ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଦାୟୀ । ତେଣୁ ନୈତିକତା ଦୃଷ୍ଟିରୁ ସେ ଇସ୍ତଫା ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି । ବିରୋଧି ଦଳ କହିଛି ଯେ କେନ୍ଦ୍ର ଏବଂ କେଜରିୱାଲ ସରକାର ଦିଲ୍ଲୀରେ ଶାନ୍ତି ସ୍ଥାପନ କରିବା ପାଇଁ ଅସମର୍ଥ ହୋଇଛି ।କଂଗ୍ରେସ ଅଧକ୍ଷ ସୋନିଆ ଗାନ୍ଧୀ ବୁଧବାର ପାର୍ଟି ଅଫିସରେ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଦିଲ୍ଲୀର ବର୍ତ୍ତମାନର ସ୍ଥିତି ପଛରେ ମୁଖ୍ୟ କାରଣ କେନ୍ଦ୍ର ଏବଂ ଦିଲ୍ଲୀ ସରକାରର ବିଫଳତା । କେନ୍ଦ୍ର ସରକାର ଉପରେ ଆକ୍ରମଣାତ୍ମକ ହୋଇ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବି କରିଛନ୍ତି । ଏହି ସମୟରେ ସେମାନେ ପ୍ରଶ୍ନ କରିଛନ୍ତି କି ପୂର୍ବ ରବିବାର ଦିନ ଦିଲ୍ଲୀର ପରିବେଶ ଉତେଜନାପୂର୍ଣ୍ଣ ହେବ ଏବଂ ଏହି ସମୟରେ ଗୃହମନ୍ତ୍ରୀ କଣ କହିଥିଲେ ? ସୋନିଆ ଗାନ୍ଧୀ କହିଛନ୍ତି ଯେ ଦିଲ୍ଲୀ ହିଂସା ପଛରେ ଏକ ସାଜିସ ଅଛି, ଯାହାର ସୂତ୍ରଧର ବିଜେପି ନେତାମାନେ ।

## ଆଇପିଜିଏଲ ଉପରୁ ଡିପିଇ ଗାଇଡଲାଇନ ଛାଡ଼ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରି

ନୂଆଦିଲ୍ଲୀ , ୨୬।୨(ପି.ଏନ): ସଂରକ୍ଷଣ ଏବଂ ସତର୍କତା ନୀତିକୁ ବାଦ ଦେଇ ଇଣ୍ଡିଆ ପୋର୍ଟସ ଗ୍ଲୋବାଲ ଲିଃ (ଆଇପିଜିଏଲ) ଉପରେ ଡିପିଇ ଗାଇଡଲାଇନ ଲାଗୁ ହେବ ନାହିଁ । ଆଜି ଏ ସଂକ୍ରାନ୍ତ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ମଞ୍ଜୁର କରିଛନ୍ତି ।କମ୍ପାନୀ ଆଇନ ୨୦୧୩ ଅନ୍ତର୍ଗତ ଏକ ଏସପିଭି (ସ୍ୱତନ୍ତ୍ର ଉଦ୍ଦେଶ୍ୟ ବାହନ) ରୂପରେ ଆଇପିଜିଏଲର ଗଠନ କରାଯାଇଥିଲା । ଜବାହରଲାଲ ନେହରୁ ବନ୍ଦର ଟ୍ରଷ୍ଟ (ଜେଏନପିଟି) ଏବଂ ଦୀନଦୟାଲ ପୋର୍ଟ ଟ୍ରଷ୍ଟ (ଡିପିଟି) (ପୂର୍ବରୁ କାଣ୍ଡଲା ପୋର୍ଟ ଟ୍ରଷ୍ଟ ନାମରେ ପରିଚିତ) ଏହାର ପୃଷ୍ଠପୋଷକ ଥିଲେ । ଜାହଜ ଚଳାଚଳ ମନ୍ତ୍ରଣାଳୟର ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ ଇରାନର ଚାବାହର ସାହିଦ ବେହେସ୍ତି ବନ୍ଦରର ବିକାଶ ଏବଂ ପରିଚାଳନା ପାଇଁ ଆଇପିଜିଏଲର ଗଠନ କରାଯାଇଥିଲା ।ଯୁଗ୍ମ ବିସ୍ତୃତ କାର୍ଯ୍ୟ ଯୋଜନା (ଜେସିପିଓଏ)ରୁ ଯୁକ୍ତରାଷ୍ଟ୍ର ଆମେରିକା ଓହରିଯିବା ପରେ ଆମେରିକୀୟ କଟକଣାର ସମ୍ଭାବ୍ୟ ପ୍ରଭାବରୁ ଜେଏନପିଟି ଓ ଡିପିଟିକୁ ସୁରକ୍ଷିତ ରଖିବା ଲାଗି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ୨୯ ଅକ୍ଟୋବର ୨୦୧୮ରେ ଜାହାଜ ଚଳାଚଳ ମନ୍ତ୍ରଣାଳୟକୁ ପରାମର୍ଶ ଦିଆଯାଇଥିଲା ।ଏହାକୁ ଆଧାର କରି କ୍ଷମତାସମ୍ପନ୍ନ ସମିତିର ଅନୁମୋଦନ କ୍ରମେ ଜେଏନପିଟି ଓ ଡିପିଟିର ସମସ୍ତ ଅଂଶଧନକୁ ୧୭ ଡିସେମ୍ବର, ୨୦୧୮ରେ "ସାଗରମାଳା ବିକାଶ କମ୍ପାନୀ ଲିଃ" (ଏସଡିସିଏଲ) କିଣି ନେଇଥିଲା । ଏସଡିସିଏଲ ଏକ କେନ୍ଦ୍ରୀୟ ରାଷ୍ଟ୍ରାୟତ କ୍ଷେତ୍ର ଉଦ୍ୟୋଗ (ସିପିଏସଇ) ହୋଇଥିବା ଦୃଷ୍ଟିରୁ ଏହାର ସହଯୋଗୀ ଭାବେ ଆଇପିଜିଏଲ ମଧ୍ୟ ଏହି ସିପିଏସଇରେ ପରିଣତ ହୋଇଯାଇଛି । ଯାହାର ଫଳସ୍ୱରୂପ, ପ୍ରାୟୋଗିକ ଦୃଷ୍ଟିରୁ ଡିପିଇର ଗାଇଡଲାଇନ ଆଇପିଜିଏଲ ଉପରେ ଲାଗୁ ହେଉଛି । ଚାବାହର ବନ୍ଦର ଦେଶର ପ୍ରଥମ ବିଦେଶୀ ବନ୍ଦର ପ୍ରକଳ୍ପ । ଏହାର ରଣନୈତିକ ଉଦ୍ଦେଶ୍ୟ ମଧ୍ୟ ରହିଛି । ଏହାକୁ ଦୃଷ୍ଟିରେ ରଖି ଜାହାଜ ଚଳାଚଳ ମନ୍ତ୍ରଣାଳୟ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଅନୁଯାୟୀ ଆଇପିଜିଏଲକୁ ୫ ବର୍ଷ ଲାଗି ଏକ ବୋର୍ଡ ଦ୍ୱାରା ପରିଚାଳିତ କମ୍ପାନୀ ଭାବେ ଚାଲୁ ରଖିବା ଜରୁରି । ଏହି ଆଧାରରେ, ପ୍ରକଳ୍ପର ସୁପରିଚାଳନା ନିମନ୍ତେ ଡିପିଇ ଗାଇଡଲାଇନ ପ୍ରୟୋଗରୁ ଆଇପିଜିଏଲକୁ ମୁକ୍ତ ରଖିବା ଲାଗି ଜାହାଜ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଅନୁରୋଧ କରାଯାଇଥିଲା ।

## ନିୟନ୍ତ୍ରଣ ହରାଇ ନଦୀରେ ପଡ଼ିଲା ବସ୍ : ୨୪ ମୃତ, ୫ ଆହତ

ଜୟପୁର, ୨୬।୨(ପି.ଏନ): ରାଜସ୍ଥାନର ବୁନ୍ଦି ଜିଲ୍ଲାର ଲାଖେରି ଥାନା ଅଂଚଳରେ କୋଟା-ଲାଲସୋଟ ମେଗା ହାଇୱେର ମେଜ ନଦୀର ପୋଲ ଉପରେ ଏକ ମିନି ବସ୍ ନିୟନ୍ତ୍ରଣ ହରାଇ ନଦୀ ଭିତରକୁ ଖସି ପଡ଼ିଥିଲା । ଏଥିରେ ମହିଳା ଓ ୩ ଜଣ ଛୋଟ ପିଲା ସମେତ ୨୪ ଜଣଙ୍କର ମୃତ୍ୟୁ ଘଟିବା ସହିତ ଦୁର୍ଘଟଣାରେ ୫ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ଦୁର୍ଘଟଣାର ସୂଚନା ମିଳିବା ପରେ ବୁନ୍ଦି ଜିଲ୍ଲାର ଜିଲ୍ଲାପାଳ ଅନ୍ତର ସିଂ ନେହେରା ଏବଂ ଜିଲ୍ଲା ଏସ.ପି ଶିବରାଜ ମିଣା ଘଟଣାସ୍ଥଳରେ ପହଂଚି ଏସଡିଆରଏଫ ଟିମକୁ ଡକାଇ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ।ଲୋକସଭା ଅଧ୍ୟକ୍ଷ ଓମ୍ ବିରଳା, ବିଧାନ ସଭା ଅଧ୍ୟକ୍ଷ ଡା. ସି.ପି. ଯୋଶୀ, ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ସ୍ୱାସ୍ଥ୍ୟ ମନ୍ତ୍ରୀ ରଘୁ ଶର୍ମା, ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ, ଭାରତୀୟ ଜନତା ପାର୍ଟିର ପ୍ରଦେଶ ଅଧକ୍ଷ ସତୀଶ ପୁନିଆ ଏବଂ ଉପ ମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଏହି ଘଟଣାରେ ଦୁଃଖ ପ୍ରକାଶ କରି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ମୃତକଙ୍କ ପରିବାରକୁ ଦୁଇଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି ।ଜିଲ୍ଲାର ଜିଲ୍ଲାପାଳ ଅନ୍ତର ସିଂହ ନେହରା କହିଛନ୍ତି ଯେ, ବୁଧବାର ସକାଳେ ସବାଇ ମାଧୋପୁର ଅଂଚଳର ବଦାମ ବାଇର କନ୍ୟା ପ୍ରୀତିଙ୍କ ନିର୍ବନ୍ଧ ପାଳନ କରିବା ପାଇଁ କୋଟାର ଜବାହର ନଗର ପେଟ୍ରୋଲ ପମ୍ପ ସମ୍ମୁଖରୁ ଅଶୋକ ଧୋବୀ ତାଙ୍କ ପୁରା ପରିବାର ଓ ବନ୍ଧୁବାନ୍ଧବଙ୍କୁ ନେଇ ସକାଳ ୭ଟା ସମୟରେ ନିଜି ବସ୍ ଦ୍ୱାରା ସମସ୍ତେ ମାଧପୁରକୁ ଯାଉଥିଲେ ।ବସରେ ଡ୍ରାଇଭର ସହିତ ୨୯ ଜଣ ଯାତ୍ରୀ ଥିଲେ । ବସଟି ଗନ୍ତବ୍ୟସ୍ଥଳକୁ ଯାଉଥିବା ସମୟରେ ବୁନ୍ଦି ଜିଲ୍ଲାର ଲାଖରୀ ଥାନା ଅଂଚଳରେ କୋଟା-ଲାଲସୋଟ ମେଗା ହାଇୱେ ଠାରେ ମେଜ ନଦୀ ଉପରେ ଥିବା ପାପଡ଼ିପୋଲ ଉପରେ ବସ ନିୟନ୍ତ୍ରଣ ହରାଇ ୭୦ ଫୁଟ ତଳକୁ ଖସି ପଡ଼ିଥିଲା । ଦୁର୍ଘଟଣାରେ ବସରେ ଥିବା ଲୋକଙ୍କ ମଧ୍ୟରୁ ୨୪ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ୫ ଜଣ ଆହତ ହୋଇଥିଲେ । ଆହତ ମାନଙ୍କୁ କୋଟାକୁ ସ୍ଥାନାନ୍ତରଣ କରାଯାଇଛି । ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗମ୍ଭୀର ଅଛି । ମୃତକ ମଧ୍ୟରେ ୧୧ ମହିଳା, ୧୦ ଜଣ ପୁରୁଷ ଏବଂ ୩ ଜଣ ଛୋଟ ପିଲା ଅଛନ୍ତି ।

## ଦେଶରେ ପାଇପ୍ ଲାଇନ୍ ନଥିବା ସ୍ଥାନରେ ସୁରକ୍ଷିତ, ଭରସାଯୋଗ୍ୟ ଓ କମ୍ ଖର୍ଚ୍ଚରେ ପହଂଚିବ ପ୍ରାକୃତିକ ଗ୍ୟାସ୍ : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୬।୨(ପି.ଏନ): ଇଣ୍ଡିଆନ୍ ଅଏଲ ଓ ଯୁକ୍ତ ରାଷ୍ଟ୍ର ଆମୋରିକାର ଏକ୍ସନ୍ ମୋବିଲ କର୍ପୋରେସନ୍ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ବୁଝାମଣା ଭାରତର ଅପହଂଚ ଅଂଚଳରେ ପ୍ରାକୃତିକ ଗ୍ୟାସ୍ ଯୋଗାଣରେ ବେଶ୍ ସହାୟକ ହେବ ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଶ୍ରୀ ପ୍ରଧାନ କହିଛନ୍ତି ଏକ୍ସନ ମୋବିଲ ସହ ଇଣ୍ଡିଆନ୍ ଅଏଲର ବୁଝାମଣା ସ୍ୱାକ୍ଷର ଆଧାରରେ ଦେଶର ପାଇପ୍ ଲାଇନ୍ ଯୋଗେ ପ୍ରାକୃତିକ ଗ୍ୟାସ୍ ନପହଂଚିପାରୁଥିବା ଅଂଚଳରେ ଏକ୍ସନ୍ ମୋବିଲ ରେଳ , ରାସ୍ତା ଓ ଜଳ ପଥରେ ପ୍ରାକୃତିକ ଗ୍ୟାସ୍ ପହଂଚାଇବ । ଏହି ଯୋଗାଣ ପ୍ରକ୍ରିୟା ସୁରକ୍ଷିତ , ଭରସାଯୋଗ୍ୟ ଏବଂ କମ୍ ଖର୍ଚ୍ଚରେ ହୋଇପାରିବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ।

## ମ୍ୟାମାଁରର ରାଷ୍ଟ୍ରପତି ୟୁ ବିନ ମିଂଟ ଚାରି ଦିନିଆ ଭାରତ ଗସ୍ତରେ ନୂଆଦିଲ୍ଲୀ ପହଂଚିଲେ

ନୂଆଦିଲ୍ଲୀ, ୨୬।୨(ପି.ଏନ): ମ୍ୟାମାଁରର ରାଷ୍ଟ୍ରପତି ୟୁ ବିନ ମିଂଟ ଚାରି ଦିନିଆ ଭାରତ ଗସ୍ତରେ ବୁଧବାର ଦିନ ନୂଆଦିଲ୍ଲୀ ପହଂଚିଛନ୍ତି । ଖାଦ୍ୟ ଓ ପ୍ରସଂସ୍କରଣ ମନ୍ତ୍ରୀ ରାମେଶ୍ୱର ତେଲୀ ତାଙ୍କୁ ବିମାନ ବନ୍ଦରରେ ତାଙ୍କୁ ସ୍ୱାଗତ କରିଥିଲେ । ସେ ଆଜି ସଂଧ୍ୟା ବେଳେ ଅ କ୍ଷରଧାମ ମନ୍ଦିର ପରିଦର୍ଶନ କରିଛନ୍ତି ।ମିଳିଥିବା ସୂଚନା ଅନୁସାରେ ସେ ଗୁରୁବାର ଦିନ ରାଷ୍ଟ୍ରପତି ଭବନ ଠାରେ ତାଙ୍କୁ ରାଜକୀୟ ସ୍ୱାଗତ କରାଯିବ । ଏହା ପରେ ସେ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କ ସମାଧିରେ ପୁଷ୍ପାଂଜଳି ପ୍ରଦାନ କରିବେ । ଏହା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ହାଇଦ୍ରାବାଦ ହାଉସରେ କଥାବାର୍ତ୍ତା ହେବ । ସେଠାରେ କିଛି ଚୁକ୍ତିରେ ସ୍ୱାକ୍ଷର କରା ଯିବ । ସଂଧ୍ୟାରେ ସେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସାକ୍ଷାତ କରିବେ ।ସେହିପରି ଶୁକ୍ରବାର ଦିନ ରାଷ୍ଟ୍ରପତି ୟୁ ବିନ ମିଂଟ ବିହାରର ବୋଧ ଗୟା ଯିବେ ଓ ସେଠାରେ ମହାବୋଧି ମନ୍ଦିରରେ ଦର୍ଶନ ଓ ପୂଜାର୍ଚ୍ଚନା କରିବେ । ସେ ମହାବୋଧି ମନ୍ଦିରରେ ଭଗବାନ ବୁଦ୍ଧଙ୍କ ଏକ ମୂର୍ତ୍ତି ମଧ୍ୟ ଭେଟି ଦେବେ ।ଶନିବାନ ଦିନ ସେ ଉତର ପ୍ରଦେଶର ଆଗରା ଯାଇ ତାଜମହଲ ଦେଖିବେ । ଏହା ପରେ ସେ ସ୍ୱଦେଶ ଫେରି ଯିବେ ।

## ଜମ୍ମୁ ଓ କଶ୍ମୀରରେ କେନ୍ଦ୍ରୀୟ ଆଇନ ଲାଗୁ ପାଇଁ ନିର୍ଦ୍ଦେଶନାମା ଜାରି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରି

ନୂଆଦିଲ୍ଲୀ , ୨୬।୨(ପି.ଏନ): ଜମ୍ମୁ ଓ କଶ୍ମୀର ପୁନର୍ଗଠନ ଆଇନ, ୨୦୧୯ର ଧାରା ୯୬ ଅନ୍ତର୍ଗତ ଜମ୍ମୁ ଓ କଶ୍ମୀର କେନ୍ଦ୍ରଶାସିତ ପ୍ରଦେଶରେ କେନ୍ଦ୍ର ସରକାରଙ୍କ ଦ୍ୱାରା କେନ୍ଦ୍ରୀୟ ଆଇନ ଲାଗୁ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିବା ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛନ୍ତି । ଜମ୍ମୁ ଓ କଶ୍ମୀର ପୁନର୍ଗଠନ ଆଇନ, ୨୦୧୯ ଲାଗୁ ହେବା ପରେ ୩୧ ଅକ୍ଟୋବର ୨୦୧୯ ପରଠାରୁ ତତକାଳୀନ ଜମ୍ମୁ ଓ କଶ୍ମୀର ରାଜ୍ୟ ବିଭାଜିତ ହୋଇ ଦୁଇଟି କେନ୍ଦ୍ର ଶାସିତ ଅଂଚଳ ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ରୂପରେ ପୁନର୍ଗଠିତ ହୋଇଛି । ୩୧.୧୦.୨୦୧୯ ପୂର୍ବରୁ ଯେଉଁସବୁ ଆଇନ କେବଳ ତତକାଳୀନ ଜମ୍ମୁ ଓ କଶ୍ମୀର ରାଜ୍ୟକୁ ବାଦ ଦେଲେ ସାରା ଭାରତରେ ଲାଗୁ ହେଉଥିଲା ଏବେ ସେହିସବୁ ଆଇନ ଜମ୍ମୁ ଓ କଶ୍ମୀର କେନ୍ଦ୍ର ଶାସିତ ପ୍ରଦେଶରେ ଲାଗୁ ହେବ । କେନ୍ଦ୍ର ଶାସିତ ପ୍ରଦେଶ ଜମ୍ମୁ ଓ କଶ୍ମୀର ସମ୍ବନ୍ଧରେ, ପ୍ରଶାସନିକ ପ୍ରଭାବଶୀଳତା ଏବଂ ଆବଶ୍ୟକ ପରିବର୍ତ୍ତନ ସୁନିଶ୍ଚିତ କରିବା ଲାଗି ଜରୁରି ସଂଶୋଧନ ସହିତ ଯୁଗ୍ମତାଲିକା ଅନ୍ତର୍ଗତ ପ୍ରସ୍ତୁତ କରାଯାଇଥିବା କେନ୍ଦ୍ରୀୟ ଆଇନ ଲାଗୁ କରିବା ଆବଶ୍ୟକ । ଯାହାଫଳରେ ଭାରତୀୟ ସମ୍ବିଧାନ ଅନୁରୂପ ଏହାକୁ ଲାଗୁ କରିବାରେ କୌଣସି ପ୍ରକାର ଅସ୍ପଷ୍ଟତାକୁ ଦୂର କରାଯାଇପାରିବ ।ଜମ୍ମୁ ଓ କଶ୍ମୀର ପୁନର୍ଗଠନ ଆଇନ ୨୦୧୯ର ଧାରା ୯୬ ଅନ୍ତର୍ଗତ ଆଇନ ଲାଗୁ ଏବଂ ପରିବର୍ତ୍ତନ କରିବାର ଅଧିକାର କେନ୍ଦ୍ର ସରକାରଙ୍କ ନିକଟରେ ରହିଛି । ଉଚ୍ଛେଦ କିମ୍ବା ସଂଶୋଧନ ମାଧ୍ୟମରେ ଏହା କରାଯାଇପାରିବ । କେନ୍ଦ୍ର ଶାସିତ ପ୍ରଦେଶ ଗଠନ ହେବାର ନିର୍ଦ୍ଧାରିତ ତାରିଖ ଠାରୁ ୧ ବର୍ଷ ମଧ୍ୟରେ କୌଣସି ଆଇନ ଲାଗୁ କରିବା ପ୍ରକ୍ରିୟାକୁ ସୁବିଧାଜନକ କରିବା ଉଦ୍ଦେଶ୍ୟରେ ଆବଶ୍ୟକତା କିମ୍ବା ବ୍ୟବହାରିକତା ଦୃଷ୍ଟିରୁ ଆଇନକୁ ଉଚ୍ଛେଦ ଅଥବା ଏଥିରେ ସଂଶୋଧନ କରାଯାଇପାରେ ।ତଦନୁଯାୟୀ, ଆଜି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟର ବୈଠକରେ ଏପରି ୩୭ଟି କେନ୍ଦ୍ର ଆଇନ ଲାଗୁ କିମ୍ବା ଏଥିରେ ସଂଶୋଧନ ଆଣିବା ଲାଗି କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଦେଶନାମା ଜାରି କରିବା ପ୍ରସ୍ତାବକୁ ମଞ୍ଜୁରି ମିଳିଛି । ଜମ୍ମୁ ଓ କଶ୍ମୀର ପୁନର୍ଗଠନ ଆଇନ, ୨୦୧୯ର ଧାରା ୯୬ ଅଧୀନରେ ମିଳିଥିବା କ୍ଷମତା ଅନୁଯାୟୀ କେନ୍ଦ୍ର ଶାସିତ ପ୍ରଦେଶ ଜମ୍ମୁ ଓ କଶ୍ମୀରରେ ଏହି ଆଇନ କାର୍ଯ୍ୟକାରୀ କରାଯିବ । ଏପରି ସଂଶୋଧନ ଜରିଆରେ କେନ୍ଦ୍ରୀୟ ଆଇନ ଲାଗୁ ହେବା ଦ୍ୱାରା ଜମ୍ମୁ ଓ କଶ୍ମୀରରେ ପ୍ରଶାସନିକ ପ୍ରଭାବଶୀଳତା ସୁନିଶ୍ଚିତ ହେବ ତଥା ଭାରତର ସମ୍ବିଧାନ ଅନୁରୂପ ଏସବୁ ଆଇନ ଲାଗୁ କରିବା କ୍ଷେତ୍ରରେ ରହିଥିବା ଅସୁବିଧା ଦୂର ହୋଇପାରିବ ।

## ଆର୍ଥିକ ଅବସ୍ଥା ମାନ୍ଦା ଥିବା ସତ୍ତ୍ୱେ ରାଜ୍ୟରେ ଭଲ ବଜେଟ୍ ଉପସ୍ଥାପନ କରାଯାଇଛି : ଅର୍ଥମନ୍ତ୍ରୀ

ଭୁବନେଶ୍ୱର, ୨୬।୨(ପି.ଏନ): ଜାତୀୟ ତଥା ବିଶ୍ୱ ସ୍ତରରେ ଆର୍ଥିକ ଅବସ୍ଥା ମାନ୍ଦା ଥିବା ସତ୍ତ୍ୱେ ରାଜ୍ୟରେ ଭଲ ବଜେଟ୍ ଉପସ୍ଥାପନ କରାଯାଇଛି । ଋଣର ସୁଧ ପରିଶୋଧ କରିବା ପାଇଁ ଋଣ କରାଯାଉ ନାହିଁ । ରାଜ୍ୟ ସରକାର ରାଜସ୍ୱ ବଳକା ବଜେଟ୍ ଉପସ୍ଥାପନ କରିଛନ୍ତି ବୋଲି ରାଜ୍ୟ ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ ବିଧାନସଭାରେ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଅର୍ଥମନ୍ତ୍ରୀଙ୍କର ଉତରରେ ଅସନ୍ତୋଷ ପ୍ରକାଶ କରି ଉଭୟ ବିରୋଧି ଦଳ କକ୍ଷ ତ୍ୟାଗ କରିଥିଲେ । ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଗୃହରେ ପୂର୍ବରୁ ଆଗତ ହୋଇଥିବା ପୂର୍ଣ୍ଣାଙ୍ଗ ବଜେଟ୍ ଉପରେ ଦୁଇ ଦିନିଆ ସାଧାରଣ ଆଲୋଚନା ଆଜି ଶେଷ ହୋଇଛି । ଏହା ପରେ ହୋଇଥିବା ଆଲୋଚନା ଓ ସମାଲୋଚନାର ଉତର ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ଯେ, ଜିଏସଟିରେ ୨୮ ପ୍ରତିଶତ ଅଭିବୃଦ୍ଧି ଘଟିଥିଲା ବେଳେ ରାଜସ୍ୱ ସରପ୍ଲସ ମଧ୍ୟ ବୃଦ୍ଧି ଘଟିଛି । ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଉପରେ ଅଧିକ ବ୍ୟୟ କରିବା ପାଇଁ ଅର୍ଥର ବ୍ୟବସ୍ଥା କରାଯାଇଛି । ଏହି ବଜେଟ୍‌ରେ ଅନେକ ଗୁଡ଼ିଏ ଟ୍ରାନସଫରମେଟିଭ ଇନଫ୍ରାଷ୍ଟ୍ରକଚର ପ୍ରୋଜେକ୍ଟ ହାତକୁ ନିଆଯାଇଛି । ଏଥି ମଧ୍ୟରୁ ପୁରୀକୁ ବିଶ୍ୱ ଐତିହ୍ୟ ନଗରୀରେ ପରିଣତ କରିବା, ଏକାମ୍ର ପ୍ଲାନ, କଟକ ପାଇଁ ଏକ ସ୍ୱତନ୍ତ୍ର ଯୋଜନା ତଥା ସମଲେଶ୍ୱରୀ ମନ୍ଦିର, ହୀରାକୁଦ ଡ୍ୟାମ, ଭିତରକନିକା, ତାଳସାରି ଏବଂ ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡ଼ିକର ସାମଗ୍ରିକ ବିକାଶ ଅନ୍ତର୍ଭୁକ୍ତ । ଶ୍ରୀରାମଚନ୍ଦ୍ର ଭଂଜ ବେସରକାରୀ ମହାବିଦ୍ୟାଳୟକୁ ୩୦୦୦ ଶଯ୍ୟା ବିଶିଷ୍ଟ ଏକ ବିଶ୍ୱ ସ୍ତରୀୟ ଏବଂ ସମନ୍ୱିତ ଏମ୍ସ ପ୍ଲସ ପ୍ରତିଷ୍ଠାନରେ ରୂପାନ୍ତରିତ କରିବାକୁ ପ୍ରସ୍ତାବ ରଖାଯାଇଛି । ଆଗାମୀ ଦୁଇ ବର୍ଷରେ ୧ ହଜାର କୋଟିରୁ ଉର୍ଦ୍ଧ ଟଙ୍କା ନିବେଶ କରାଯିବ । ପ୍ରାଥମିକ, ମାଧ୍ୟମିକ ଉଚ୍ଚ ଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ଦକ୍ଷତା ବୃଦ୍ଧି ପାଇଁ ୨୨ ହଜାର ୬୩୧ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଛି । ଜନସାଧାରଣଙ୍କୁ ସମ୍ପୂର୍ଣ୍ଣ ରୂପେ ପାଇପ ଦ୍ୱାରା ପାନୀୟ ଜଳ ଯୋଗାଇବା ପାଇଁ ୮ ହଜାର କୋଟି ଟଙ୍କା ପୁଂଜି ନିବେଶ କରାଯାଇଛି । ମିଶନ ଶକ୍ତି ଅଧିନରେ ମହିଳା ମାନଙ୍କର ସଶକ୍ତିକରଣ ନିମନ୍ତେ ବିନା ସୁଧରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ ସହ ମମତା ଯୋଜନା ପାଇଁ ୩୦୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ବିଶ୍ୱସ୍ତରୀୟ ଶିଳ୍ପ ଭିତିଭୂମି ସୃଷ୍ଟି ପାଇଁ ୨୮୪ କୋଟି ଟଙ୍କା ଉପଯୋଗ କରାଯିବ । ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ ୯୪ ଶହ ୧ କୋଟି ୧୦୪ ଟଙ୍କା ପ୍ରସ୍ତାବ ରଖାଯାଇଛି । ଶାମୁକା ବେଳାଭୂମି ଅଂଚଳରେ ନୂତନ ବିଶ୍ୱ ଅର୍ଥନୀତିକୁ ଆକୃଷ୍ଟ କରିବା ପାଇଁ ୮୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ରାଜ୍ୟ ସରକାର ଯୁବ ସମାଜର ଦକ୍ଷତା ବୃଦ୍ଧି ଏବଂ କର୍ମ ନିଯୁକ୍ତି ସୃଷ୍ଟି ପାଇଁ ୨୦୨୫ ଭିଜନ ପ୍ରସ୍ତୁତ କରାଯାଇଛି । ଏଥିରେ ୩୦ ଲକ୍ଷ ନିଯୁକ୍ତି ସୃଷ୍ଟି ପାଇଁ ଏକ ଠୋସ୍ ଖସଡ଼ା ପ୍ରସ୍ତୁତି କରାଯାଇଛି । ଚଳିତ ବର୍ଷ ଜାନୁୟାରୀ ୨୮ ତାରିଖରେ ଓପିଏସସି ଆଉ ୧ ହଜାର ୪୦୩ ନୂତନ ଡାକ୍ତରଙ୍କର ମନୋନୟନ ତାଲିକା ଦେବେ । ଏହାକୁ ମିଶାଇଲେ ୭,୬୮୬କୁ ଡାକ୍ତରଙ୍କ ସଂଖ୍ୟା ବୃଦ୍ଧି ପାଇବ । ଏହା ବ୍ୟତୀତ ରାଜ୍ୟ ସରକାର ଅତିରିକ୍ତ ୬ ହଜାର ଷ୍ଟାଫ୍ ନର୍ସ, ୬୦୦ ପାରାମେଡ଼ିକାଲ ପଦବୀ ସୃଷ୍ଟି କରିଛନ୍ତି । ଚଳିତ ଆର୍ଥିକ ବର୍ଷରେ ରାଜସ୍ୱ ଖର୍ଚ୍ଚ ୧ ଲକ୍ଷ ୨୪ ହଜାର ୩୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ତେଣୁ ରାଜସ୍ୱ ହିସାବରେ ସନ୍ତୁଳନ ଆଣିବା ପରେ ୯,୫୦୯ କୋଟି ଟଙ୍କା ରାଜସ୍ୱ ବଳକା ହେବ ବୋଲି ଅନୁମାନ କରାଯାଇଛି । ଯାହାକି ଜିଡ଼ିପିର ଉତ୍ପାଦନ ୧.୫୯ ପ୍ରତିଶତ ଅଟେ । ବିତୀୟ ନିଅଂଟ ୧୭ ହଜାର ୮୭୮ କୋଟି ଟଙ୍କା ହେବାର ଆକଳନ କରାଯାଇଛି । ଯାହାକି ଜିଡ଼ିପିର ୩ ପ୍ରତିଶତ । ଏହା ବିତୀୟ ଉତରଦାୟୀ ଓ ବଜେଟ୍ ପରିଚାଳନା ଆଇନ ଅନ୍ତର୍ଗତ ବିତୀୟ ନିଅଂଟ ପାଇଁ ଧାର୍ଯ୍ୟ ସୀମା ମଧ୍ୟରେ ରହିଛି । ଏହି ବଜେଟ୍ ଆଲୋଚନାରେ ପ୍ରତାପ ଦେବ, ସତ୍ୟନାରାୟଣ ପ୍ରଧାନ, ମୋହନ ଚରଣ ମାଝୀ, ଅଶ୍ୱିନୀ ପାତ୍ର, ଲତିକା ପ୍ରଧାନ, ତାରା ବାହିନୀ ପତି, କିଶୋର ଚନ୍ଦ୍ର ନାୟକ, ଭାସ୍କର ମଢ଼େଇ, ମୁକେଶ କୁମାର ପାଳ, ଗଣେଶରାମ ଖୁଂଟିଆ, ନବ ଚରଣ ମାଝୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।








# ଟି ଟାଇମ୍

## ଫିନାଇଲ ବ୍ୟବହାର କରୁଛନ୍ତି କି ?




ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯିବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

# ପୁରାଣ କାହାଣୀ

# ହିରଣ୍ୟକଶ୍ୟପୁ ଓ ପ୍ରହଲ୍ଲାଦ କଥା

ଭଗବାନ ବିଷ୍ଣୁ ଭକ୍ତର ଡୋରିରେ ବନ୍ଧା। ପୃଥିବୀ ପୃଷ୍ଠରୁ ପାପଭାରା କମାଇବା ପାଇଁ ଓ ଦୈତ୍ୟମାନଙ୍କ ଅତ୍ୟାଚାରରୁ ସାଧୁ,ସନ୍ଥ ଓ ତାଙ୍କ ଭକ୍ତମାନଙ୍କୁ ଉଦ୍ଧାର କରିବା ପାଇଁ ସେ କେତେବେଳେ ବାମନ ଅବତାର ତ ପୁଣି କେତେବେଳେ କୃଷ୍ଣ, ରାମ, ମତ୍ସ୍ୟ, ବରାହ ଆଦି ଅବତାର ନେଇ ଜନ୍ମ ହୋଇଛନ୍ତି। ସେ ତାଙ୍କ ଭକ୍ତମାନଙ୍କ ପାଇଁ ଜଳରେ ଅଛନ୍ତି ସ୍ଥଳରେ ବି ଅଛନ୍ତି। ପାହାଡ ଉପରେ ଅଛନ୍ତି ଓ ଗଛ ଉପରେ ଅଛନ୍ତି। ଘର ଚାରିକାନ୍ଥ ଭିତରେ ଅଛନ୍ତି। ତାଙ୍କୁ ଯେତେବେଳେ ଯେଉଁଠି ଡଶକି ସେ ସର୍ବଦା ଅବାର୍ଭିବା ହୋଇ ଯାଆନ୍ତି। ଏଇ ଯେମିତି ଭକ୍ତ ପ୍ରହଲ୍ଲାଦର ଡାକରେ ଭଗବାନ ନୃସିଂହ ଅବତାର ନେଇ ଖମ୍ବ ଭିତରୁ ବାହାରି ରାକ୍ଷସ ପିତା ହିରଣ୍ୟକସପକୁ ବଧ କରିଥିଲେ। ଏବେ ଆସନ୍ତୁ ଏହି ପ୍ରହଲ୍ଲାଦ ଓ ହିରଣ୍ୟକସିପୁ ବିଷୟରେ କିଛି ଜାଣିବା।

ହିରଣ୍ୟକସିପୁ ଥିଲା ଦୈତ୍ୟମାନଙ୍କ ରାଜା। ଦୈତ୍ୟମାନଙ୍କ ଔରସରୁ କୋଟିତ ଦେବତାମାନେ ଜନ୍ମ ଗ୍ରହଣ କରନ୍ତି। ଏଇ ଯେମିତି ରାକ୍ଷସ ରାଜା ହିରଣ୍ୟକସିପୁ ଔରସରୁ ପ୍ରହଲ୍ଲାଦ ନାମ୍ନୀ ଧାରୀ ଜଣେ ବାଳକ ଜନ୍ମ ହୋଇଥିଲା। ଜନ୍ମ ହେବା ପରଠାରୁ ସେ ଭଗବାନ ବିଷ୍ଣୁଙ୍କ ପ୍ରତି ସମର୍ପିତ ହୋଇ ଯାଇଥିଲା। କିନ୍ତୁ ହିରଣ୍ୟକସିପୁ ବିଷ୍ଣୁଙ୍କ ନାଁ ଶୁଣିଲେ ରାଗରେ ଜଳି ଯାଉଥିଲା। ପ୍ରହଲ୍ଲାଦର ଏପରି ହାବଭାବ ଦେଖି ହିରଣ୍ୟକସିପୁ ଗୁରୁକୁଳରେ ଛାଡିଥିଲା ପାଠପଢ଼ିବାକୁ। ହେଲେ ପ୍ରହଲ୍ଲାଦ ପାଠ ପଢ଼ିବ କ’ଣ ଗୁରୁକୁଳର ଅନ୍ୟ ପିଲାଙ୍କୁ ଭଗବାନ ବିଷ୍ଣୁଙ୍କ ସମ୍ବନ୍ଧରେ ଶିକ୍ଷାଦାନ କରିବା ଆରମ୍ଭ କରିଦେଲା। ଏହା ଦେଖି ଗୁରୁକୁଳର ସଦସ୍ୟମାନେ ଭୟଭୀତ ହୋଇଗଲେ। ଶେଷରେ କଥାଟାକୁ ହିରଣ୍ୟକସିପୁଙ୍କ କାନରେ ପକାଇଲେ। ଦୈତ୍ୟରାଜ ହିରଣ୍ୟକସିପୁ ପୁଅର ଏତାଦୃଶ୍ୟ



କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ମାରିବାକୁ ଉଦ୍ୟମ କଲେ। ପ୍ରହଲ୍ଲାଦକୁ ତେଲ କଡେଇରେ ପକାଇା ସହ ଜଳନ୍ତା ଅଗ୍ନିରେ ମଧ ପକାଇ ହତ୍ୟା କରିବାକୁ ଉଦ୍ୟମ କଲେ। ଗଭୀର ସମୁଦ୍ରରେ ତାକୁ ନେଇ ପୋପାଡିଦେଲେ। ସାପ ମେଳରେ ପୁଅକୁ ଛାଡିଦେଲେ। ହେଲେ ପ୍ରହଲ୍ଲାଦ ଏଥିରେ ବିଚଳିତ ନହୋଇ ପ୍ରତି ମୁହୂର୍ତ୍ତରେ ‘ଓଁ ବିଷ୍ଣୁ’ ମନ୍ତ୍ର ଉଚ୍ଚରେଣ କରି ଚାଲିଥିଲା। ଯାହାଫଳରେ ପ୍ରହଲ୍ଲାଦ ସବୁ ବିପତ୍ତିରୁ ବର୍ତ୍ତି ଯାଉଥିଲା। ପ୍ରହଲ୍ଲାଦର ମରଣ ହେଉ ନଥିବାରୁ ହିରଣ୍ୟକସିପୁ ଚିନ୍ତାରେ ପଡି ଯାଇଥିଲା। କାରଣ ସେ ତା ପୁଅ ହୋଇଥିଲେ ମଧ ବିଷ୍ଣୁଙ୍କ ପ୍ରତି ସମର୍ପଣ ଭାବନା ଦେଖି ହିରଣ୍ୟକସିପୁ ପ୍ରହଲ୍ଲାଦକୁ ଶତ୍ରୁ ଭାବେ ବିବେଚନା କରୁଥିଲା। ଶେଷରେ ପ୍ରହଲ୍ଲାଦ ତାର ବାପାକୁ ଭଗବାନ ବିଷ୍ଣୁଙ୍କ ସମ୍ବନ୍ଧରେ ବୁଝାଇବାକୁ ଆରମ୍ଭ କଲା। ହେଲେ ହିରଣ୍ୟକସିପୁ ଶେଷରେ ଅଥୟ ହୋଇ ପୁଣି ହତ୍ୟା ଉଦ୍ୟମ କଲା। ବିଚଳିତ ହୋଇ ପ୍ରହଲ୍ଲାଦକୁ ପଚାରିଲା ତୋ ଭଗବାନ କେଉଁ ଅଛନ୍ତି ? ଡାକିଲୁ ତୋ ଭଗବାନଙ୍କୁ। ପ୍ରହଲ୍ଲାଦ ଉତ୍ତର ଦେଇଥିଲା ଭଗବାନ ସବୁଠି ଅଛନ୍ତି। ଏହି ଘର ଭିତରେ ଅଛନ୍ତି। ରାଗ ଜରଜରରେ ହିରଣ୍ୟକସିପୁ ଭଗବାନଙ୍କୁ ଖୋଜିବା ଉଦ୍ଦେଶ୍ୟରେ ଘରର ବିଭିନ୍ନ ଆସବାବପତ୍ର ଭାଙ୍ଗିବା ସହ ଚାରିପଟେ ଥିବା ଖମ୍ବ ଉଗଡିକ ଭାଙ୍ଗିଲା। ହିରଣ୍ୟକସିପୁର ଅତ୍ୟାଚାର ଏତେମାତ୍ରାରେ ବଢ଼ି ଯାଇଥିଲାଯେ ଶେଷରେ ଭଗବାନ ବିଷ୍ଣୁ ଖମ୍ବ ଭିତରୁ ନୃସିଂହ ଅବତାର ହୋଇ ବାହାରିଲେ। ଏବଂ ପାପୀ ହିରଣ୍ୟକସିପୁର ଛାତି ଫାଡି ବଧ କଲେ। ଚାରିଆଡେ ଭକ୍ତ ପ୍ରହଲ୍ଲାଦର ଯଶବାନା ଉଡିଲା।

# ପାହାଡ ଶୀର୍ଷରେ ଗ୍ରାମ

ଦୁନିଆରେ ଏଭଳି ଅନେକ ଲୋକେ ଅଛନ୍ତି, ଯିଏକି ପାହାଡ ତଥା ଉଚ୍ଚା ସ୍ଥାନରେ ଘର ତିଆରି କରିବା ପାଇଁ ପସନ୍ଦ କରନ୍ତି। କିନ୍ତୁ କିଛି ଲୋକେ ଏଭଳି ମଧ୍ୟ ଅଛନ୍ତି, ଯିଏକି ନିଜ ଜୀବନକୁ ବିପଦରେ ପକାଇ ଏଭଳି ସ୍ଥାନରେ ରହିବା ପାଇଁ ଚାହାନ୍ତି, ଯାହା ସୁରକ୍ଷିତ ନଥାଏ। ଏଭଳି ହିଁ ଏକ ସ୍ଥାନ ହେଉଛି ସ୍ପେନ୍‌ର କେଷ୍ଟେଲଫୋଲିଟ୍ ଡେ ଲା ରୋକା ଗ୍ରାମ, ଯାହା ବସାଲ୍ଟ ପାହାଡ ଶୀର୍ଷରେ ଅବସ୍ଥିତ। ସୂଚନା ଯୋଗ୍ୟ ଯେ, ପ୍ରାୟ ହଜାର ବର୍ଷ ପୂର୍ବେ ଏଠାରେ ପ୍ରଥମେ ଦୁଇଟି ଜ୍ୱାଳାମୁଖୀ ବିସ୍ଫୋଟ ହୋଇଥିଲା। ପ୍ରଥମ ବିସ୍ଫୋଟ ବଟେଟ୍ ଗ୍ରାମରେ ୨୧୭,୦୦୦ ବର୍ଷ ପୂର୍ବେ ଏବଂ ଦ୍ୱିତୀୟଟି ୧୯୨,୦୦୦ ବର୍ଷ ପୂର୍ବେ ହୋଇଥିଲା। ଧୀରେ ଧୀରେ ଏହି ଜ୍ୱାଳାମୁଖୀ ଜମିବାକୁ ଲାଗିଥିଲା ଏବଂ ତାହା ବସାଲ୍ଟ ପାହାଡରେ ପରିଣତ ହୋଇଯାଇଥିଲା। ଏହି ଚଟ୍ଟାଣ ଥଣ୍ଡା ହେବା ପରେ ଏଠାରେ ମଧ୍ୟକାଳୀନ ସମୟରେ ଏକ ଛୋଟ



ଗ୍ରାମ ବସତି ସ୍ଥାପନ କରିଥିଲା। ଏହି ଗ୍ରାମର ଘରଗୁଡ଼ିକ ମଧ୍ୟ ଜ୍ୱାଳାମୁଖୀର ଚଟ୍ଟାଣରେ ହିଁ ତିଆରି। ୧୩ତମ ଶତାବ୍ଦୀରେ ଏହି ପାହାଡର କୋଣରେ ସେଣ୍ଟ ସାଲବୋଡୋର୍ ଚର୍ଚ୍ଚ ସ୍ଥାପିତ ହୋଇଥିଲା, ଯାହା ଆଜି ମଧ ସେଠାରେ ଥିବା ଦେଖିବାକୁ ମିଳେ। ଭୂମିଠାରୁ ପ୍ରାୟ ୫୦ ମିଟର ଉଚ୍ଚତାରେ ଏବଂ ପ୍ରାୟ ଏକ କିଲୋମିଟର କ୍ଷେତ୍ରରେ ବିସ୍ତାର ହୋଇଥିବା ଏହି କେଟେଲୋନିଆର କେଷ୍ଟେଲଫୋଲିଟ ଡେ ଲା ରୋକା ଗ୍ରାମ ପୁରାପୁରି ସଂକିର୍ଣ୍ଣ। ଏଠାରେ ଥିବା ଘର ଗୁଡିକ ପହାଡର ଶୀର୍ଷରେ ତିଆରି। ଫ୍ଲୁଭିୟା ଏବଂ ଟୋଲୋପେଲ୍ ନଦୀ ସୀମାରେ ଆସୁଥିବା ଏହି ଗ୍ରାମ ସ୍ପେନ୍‌ର ସବୁଠାରୁ ଛୋଟ ଗ୍ରାମ। ପାହାଡ ଶୀର୍ଷରେ ଥିବା ଏହି ଗ୍ରାମ କୌଣସି ବିପଦଠାରୁ କମ୍ ନୁହେଁ, କାରଣ ଏଠାକାର ଅନେକ ଘର ପାହାଡର ପୁରାପୁରି ଏଡ୍‌ଜରେ ତିଆରି।

## ହିନ୍ଦୁ ନାରୀମାନେ ସୀମନ୍ତରେ ସିନ୍ଦୂର ଲଗାନ୍ତି କାହିଁକି ?

ସୀମନ୍ତରେ ସିନ୍ଦୂର ଲଗାଇବା ସଧବା ନାରୀମାନଙ୍କର ସୂଚକ। ହିନ୍ଦୁ ବିବାହିତ ରମଣୀମାନେ ସିନ୍ଦୂର ଲଗାଇ ଥାଆନ୍ତି। କୁମାରୀ କନ୍ୟା ଓ ବିଧବା ସ୍ତ୍ରୀ ଏହା ଲଗାଇବା ନିଷେଧ। ଏହା ବ୍ୟତୀତ ସିନ୍ଦୂର ଲଗାଇବା ଦ୍ୱାରା ସ୍ତ୍ରୀମାନଙ୍କର ସୌନ୍ଦର୍ଯ୍ୟ ବୃଦ୍ଧିପାଇଥାଏ। ବିବାହ ସଂସ୍କାର ସମୟରେ ବର ନବବଧୂର ମସ୍ତକରେ ମନ୍ତ୍ରୋଚ୍ଚାରଣ ସମୟରେ ପାଞ୍ଚ ଅଥବା ସାତଥର ଦୁଇ ଆଙ୍ଗୁଠି(ବୃଦ୍ଧାଙ୍ଗୁଷ୍ଠି ଓ ବିଶି ଆଙ୍ଗୁଠି)ରେ ସିନ୍ଦୂର ପକାଇଥାଏ। ତାହାପରେ ବିବାହ କାର୍ଯ୍ୟ ସମାପ୍ତ ହୋଇଯାଇଥାଏ। ସେହିଦିନଠାରୁ ସ୍ତ୍ରୀଲୋକଟି ତା’ର ପତିର ଦୀର୍ଘାୟୁ ପାଇଁ ପ୍ରତିଦିନ ସିମନ୍ତରେ ସିନ୍ଦୂର ଲଗାଇଥାଏ। ସିମନ୍ତର ସିନ୍ଦୁର ସ୍ତ୍ରୀ ଶୃଙ୍ଗାରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ।

# ଆଜିର ଭାଗ୍ୟ

**ମେଷ** — ଆଜିର ଦିନରେ ଆପଣଙ୍କ ମନ ଚଚଂଳ ରହିବ। ବିଭିନ୍ନ କାରଣରୁ ଅନ୍ୟମନସ୍କ ରହିପାରନ୍ତି। ଅନିଚ୍ଛା ସତ୍ତ୍ୱେ ବ୍ୟୟ କରିବାକୁ ପଡିପାରେ। ଗୃହ ଉପକରଣ କ୍ରୟ କରିବାରେ ବ୍ୟସ୍ତ ରହିପାରନ୍ତି। ଦିନଟି ମଧ୍ୟମ ଧରଣର ରହିବ।

**ବୃଷ** — ଆଜିର ଦିନରେ ଆପଣଙ୍କ ସବୁ କାର୍ଯ୍ୟ ସୁଚାରୁରୂପେ ହୋଇଯିବ। ଯେଉଁ ଆଡେ ଯିବେ ସେଠାରେ ସମ୍ମାନ ଲାଭ କରିପାରନ୍ତି। ଶୁଭଫଳ ପ୍ରାପ୍ତି ହୋଇପାରେ। ଧନ ପ୍ରାପ୍ତିର ଯୋଗ ରହିଛି। ଭୂମି, ଗାଡି କ୍ରୟ କରିପାରନ୍ତି।

**ମିଥୁନ** — ଆଜି ଦିନଟି ଆପେଣଙ୍କ ପାଇଁ ସେତେଟା ଭଲ ନହୋଇପାରେ। ବହୁ ପରିଶ୍ରମ ସତ୍ତ୍ୱେ କମ୍ ସଫଳତା ମିଳିବ। ହଠାତ୍ ଖର୍ଚ୍ଚାନ୍ତରେ ପଡିପାରେନ୍ତି। ଗୁପ୍ତ ଚିନ୍ତା ଲାଗି ରହିବ। ପ୍ରେମ କ୍ଷେତ୍ରରେ ଚିନ୍ତିତ ରହିବେ।

**କର୍କଟ** — ଯେଉଁ କର୍ମରେ ହାତ ଦେବେ ସେଠାରୁ ସଫଳତା ପ୍ରାପ୍ତି ହେବ। ବିଭିନ୍ନ ଦିଗରୁ ଲାଭବାନ୍ ହୋଇପାରନ୍ତି। ନୂତନ କର୍ମ ଆରମ୍ଭ ପାଇଁ ଆଜିର ଦିନଟି ଆପଣଙ୍କ ପାଇଁ ଶୁଭ ହୋଇପାରେ। ବିଭିନ୍ନ ସ୍ଥାନରୁ ପ୍ରତିଶୃତି ମିଳିବ।

**ସିଂହ** — ପରିଶ୍ରମ ତଥା ନିଜର ବୁଦ୍ଧି ବିବେକ ବଳରେ ଫଳ କରାୟତ କରିବେ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପିତୃବର୍ଗୀୟ ଲୋକଙ୍କର ସାନ୍ନିଧ ଲାଭ କରିବେ। ହଠାତ୍ ଦୂର ସ୍ଥାନକୁ ଭ୍ରମଣ କରିପାରନ୍ତି।

**କନ୍ୟା** — ହତାଶ ଓ ନିରାଶକ୍ଷ ମଧ ଦେଇ ଦିନଟି ଗତି କରିବ। ଧାର୍ମିକ ମନଭାବ ସୃଷ୍ଟି ହେବା ସହ ଧର୍ମ ଦିଗରେ ମନବଳାଇବେ। ଅବସାଦରୁ ମୁକ୍ତି ପାଇଁ ନିଜର ଇଷ୍ଟ ଦେବଙ୍କୁ ପ୍ରାର୍ଥନା କରନ୍ତୁ। ଆୟ ଅପେକ୍ଷା ବ୍ୟୟ ଅଧିକ ହେବ।

**ତୁଳା** — ଶରୀରରେ ପୀଡା ଅନୁଭବ କରିପାରନ୍ତି। ହଠାତ୍ ଖର୍ଚ୍ଚାନ୍ତରେ ପଡିବା ସମ୍ଭାବନା ରହିଛି। ଭାବି ଚିନ୍ତି କାର୍ଯ୍ୟ କରନ୍ତି ନଚେତ୍ ଅପମାନ ପାଇବା ଆଶା ରହିଛଇ। ଅଯଥା ଚିନ୍ତା ଆପଣଙ୍କୁ ଭାରାକ୍ରାନ୍ତ କରିବ।

**ବିଛା** — କାର୍ଯ୍ୟପୂର୍ଣ୍ଣ ହେବାର ସମସ୍ତ ସୁଯୋଗ ଥିବା ସତ୍ତ୍ୱେ କାମଟି ଛୁଲା ଅବସ୍ଥାରେ ରହିବ। ନିଜପ୍ରତି ଧ୍ୟାନ ଦେବା ଉଚିତ୍ କାରଣ ଶରୀରରେ ଅଘାତ ଲାଗବାର ସମ୍ଭାବନା ରହିଛି। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି। ମନ ଉଦାସ ରହିପାରେ।

**ଧନୁ** — ଆଜି ଦିନରେ ଆପଣ ଶତ୍ରୁମାନଙ୍କଠାରୁ ବିଜୟ ପ୍ରାପ୍ତ କରିପାରନ୍ତି। ନୂତନ କାର୍ଯ୍ୟସ୍ଥଳକୁ ଯାଇ ପୁରାତନ କାର୍ଯ୍ୟସ୍ଥଳ ତ୍ୟାଗ କରିପାରନ୍ତି। ଅନେକ ସ୍ଥରରୁ ବିପରିତ ଫଳ ମିଳିପାରେ ତଥା ଶରୀରରେ ବିଭିନ୍ନ ପ୍ରକାର ପୀଡା ଅନୁଭବ କରିପାରନ୍ତି।

**ମକର** — ଆର୍ଥିକ ସ୍ଥିତି ମନକୁ ଅସ୍ଥିତର କରିପାରେ। ଅର୍ଥ ଋଣ କରିପାରନ୍ତି। ସନ୍ତାନ ସନ୍ତତିଙ୍କୁ ନେଇ ଚିନ୍ତିତ ରହିବା ସହ ମାତୃ ସମ୍ବନ୍ଧିୟ ଚିନ୍ତା ମଧ ରହିବ। ଆଜିର ଦିନଟି ସେତେଟା ଆପଣଙ୍କ ପାଇଁ ଭଲ ନହୋଇପାରେ।

**କୁମ୍ଭ** — ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ଶରୀରର କୌଣସି ଅଙ୍ଗରେ ଆଘାତ ଲାଗିପାରେ। ମାନ ସମ୍ମାନ କ୍ଷେତ୍ରରେ ଜଗି ରଖି ଚଳନ୍ତୁ ନଚେତ୍ ମାନହାନୀ ଘଟିପାରେ। ହଠାତ୍ କୌଣସି ଖବର ପାଇଁ ମନ ଚିନ୍ତିତ

**ମୀନ** — ଦୂର ସ୍ଥାନକୁ ଯାତ୍ରା କରପାରନ୍ତି। ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ଦ୍ରବ୍ୟ ନଷ୍ଟ କିମ୍ବା ଶରୀରରେ ପୀଡା ଭୋଗି ପାରନ୍ତି। ବିଭିନ୍ନ ଦିଗରୁ ଅପମାନିତ ହେବା ଆଶଙ୍କା ରହିବି।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ

ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ଚୀନ ତିଆରି କଲା ଅଦୃଶ୍ୟ ବ୍ରିଜ

ବେଜିଂ ବୈଷୟିକ ଜ୍ଞାନ କୌଶଳ କ୍ଷେତ୍ରରେ ଆଉଏକ ନୂଆ କୀର୍ତ୍ତିମାନ ସ୍ଥାପନ କରିଛି ଚାଇନା। ନିକଟରେ ହୁନାନ୍ ପ୍ରାନ୍ତରରେ ଏକ ଅଦୃଶ୍ୟ ବ୍ରିଜ୍ ବନାଇଛନ୍ତି ଚୀନର ଇଞ୍ଜିନିୟରମାନେ। ଦୁଇଟି ପାହାଡ଼ ମଧ୍ୟରେ ସଂଯୋଗ ସ୍ଥାପନ ପାଇଁ ଏହି ବ୍ରିଜ୍ ତିଆରି ହୋଇଛି। ଚୀନର ସ୍ଥପତି ମାନେ କାଚରେ ଏହି ବ୍ରିଜ୍ ତିଆରି କରିଥିଲା ବେଳେ ଯାହା ଦୂରକୁ ଦୃଶ୍ୟମାନ ହେଉନାହିଁ। ବ୍ରିଜର ଲମ୍ବ ୪୩୦ମିଟର ହୋଇଥିଲା ବେଳେ ଭୂମିଠାରୁ ଏହା ୩୦୦ମିଟର ଉପରେ ରହିଛି। ଏହି ବ୍ରଜ୍ ପାଇଁ ୪୦୦ମିଲିୟନ୍ ପାଉଣ୍ଡ ଖର୍ଚ୍ଚ ହୋଇଥିବା କୁହାଯାଉଛି। ବ୍ରିଜ୍‌ର ଡିଜାଇନ୍ ଅପ୍ଟିକାଲ ଇଲ୍ୟୁଜନ୍ ଉପରେ ଆଧାରିତ।

# ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା

ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି। ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ। ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ। ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି। ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି। ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତ୍ତି ମିଳିଥାଏ। ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି। ଏଗୁଡ଼ିକ ସେମାନେ ଆଭୂଷଣଭାବେ



ବ୍ୟବହାର କରନ୍ତି। ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ। ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ। ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ। ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ। ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି।

# ବ୍ୟସ୍ତ ବହୁଳ ଦ୍ୱୀପ



ଯଦି କୌଣସି ଦ୍ୱୀପ ସମ୍ପର୍କରେ ଚିନ୍ତା କରୁଛନ୍ତି ଛୋଟ ଛୋଟ ସ୍ଥାନରେ ସବୁଜ ରଙ୍ଗ ସମ୍ମୁଖକୁ ଆସିଥାଏ। କିନ୍ତୁ ଏହି ଦ୍ୱୀପ ସମ୍ପର୍କରେ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ। ଏହି ଦ୍ୱୀପ ନାମ ଜାଣିଲେ ଆପଣ ଚିନ୍ତା କରିପାରନ୍ତି ଏଠାରେ ଗୋଟିଏ ମଧ୍ୟ ଗଛ ନଥିବ। କେବଳ ପଥର ଓ ପାହାଡିଆ ସ୍ଥାନ ହୋଇଥିବ। ସାଉଥ ଆଫ୍ରିକାର ଲେକ୍ ବ୍ୟାକ୍ଟ୍ରିଆ ଏକ ଛୋଟ ଦ୍ୱୀପ ରହିଛି। ଯାହାର ନାମ ମିଗିନଗୀ। ଏହା ଏକ ପଥୁରିଆ ଦ୍ୱୀପ। ପ୍ରାୟ ଅଧା ଏକର ଜାଗାରେ ଏହି ଦ୍ୱୀପ ରହିଛି। ସବୁ ସମୟରେ ଏହି ଦ୍ୱୀପକୁ ଲୋକେ ଯିବା ଆସିବା କରିଥାନ୍ତି। ୨୦୦୯ ସେନସସ୍ ଅନୁଯାୟୀ ଏଠାରେ ୧୩୧ ଲୋକ ରହୁଥିଲେ। ଏହି ଛୋଟ ସ୍ଥାନରେ ପାଞ୍ଚଟି ବାର୍ ରହିଛି। ଏହା ବିଶ୍ୱର ସବୁଠାରୁ ବ୍ୟସ୍ତବହୁଳ ଦ୍ୱୀପ।




## ବିକାଶ ପାଇଁ ଅଣ୍ଟାଭିଡିଲେ ଆପାର୍ଟମେଣ୍ଟ ବାସୀନ୍ଦା
# ଭୁବନେଶ୍ୱର ଦକ୍ଷିଣ ଉପକଣ୍ଠ ବିକାଶ ମଞ୍ଚ କର୍ମକର୍ତ୍ତା ନିର୍ବାଚିତ



ଭୁବନେଶ୍ୱର/ସୁନ୍ଦରପଦା(ପିଏନ) : ଭୁବନେଶ୍ୱର ଦକ୍ଷିଣଉପକଣ୍ଠର ସାମୁହିକ ବିକାଶ ନିମନ୍ତେ ଭୁବନେଶ୍ୱର ମ୍ୟୁନିସିପାଲିଟି ଦକ୍ଷିଣ ସୀମାର ନିକଟବର୍ତ୍ତୀ ଓରକଳ ବୋଡଣ୍ଡା ସମେତ ପଧାନସାହି ଗ୍ରାମ ପଞ୍ଚାୟତ ଅଂଚଳରେ ଗଢି ଉଠିଥିବା ଆପାର୍ଟମେଣ୍ଟ ,ଡୁପ୍ଲେକ୍ସ ସମୁହର ବାସୀନ୍ଦାମାନେ ଏକଯୁଟ ହୋଇଛନ୍ତି। ଗତକାଲି ବିନାୟକ ଏନକ୍ଲେଭ ଠାରେ ଅନୁଷ୍ଠିତ ବିକାଶ ମଞ୍ଚର ବାର୍ଷିକ କାର୍ଯ୍ୟକ୍ରମରେ ୨୦ରୁ ଅଧିକ ଆପାର୍ଟମେଂଟକୁ ପ୍ରତିନିଧିତ୍ୱ କରୁଥିବା ବାସୀନ୍ଦା ମାନେ ସ୍ଥାନୀୟ ଅଂଚଳର ସାଧାରଣ ନାଗରିକ ସୁବିଧାର ବିକାଶ ନିମନ୍ତେ ସଂକଳ୍ପ ନେଇଛନ୍ତି। ଭୁବନେଶ୍ୱର ମହାନଗରର ଚର୍ତୁପାଶ୍ୱ ବିକାଶ ହେଉଥିବାବେଳେ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ବାସଭବନଠାରୁ କିଛି ଦୁରରେ ଥିବା ଏହି ଅଂଚଳର କୌଣସି ବିକାଶ ପାଇଁ କେହି ହେଲେ ଇଛା ପ୍ରକାଶ କରୁନାହାଁନ୍ତି। ଫଳରେ ଦୀପତଳ ଅନ୍ଧାର ଭଳି ମଂଜୁରୀ ପାଇଥିବା ବହୁ ଉନ୍ନତିମୁଳକ ପ୍ରକଳ୍ପ କାଗଜପତ୍ରରେ ସିମିତ ହୋଇ ରହିଛି। ମୁଖ୍ୟତଃ ସୁନ୍ଦରପଦା ଜଟଣି ରାସ୍ତାର ପ୍ରସସ୍ତିକରଣକୁ ନେଇ ସ୍ଥାନୀୟ ବାସୀନ୍ଦାଙ୍କ ମନରେ ଅସନ୍ତୋଷର ବହ୍ନି କୁହୁଳୁଛି। ରାସ୍ତା ଆଲୋକୀକରଣ,ସ୍ୱାସ୍ଥ୍ୟସେବା,ସଫେଇ କାର୍ଯ୍ୟକ୍ରମ, ଡ୍ରେନେଜ ସୁବିଧା, ସର୍ବସାଧାରଣ କଲ୍ୟାଣ ମଣ୍ଡପ, ଖେଳପଡିଆ, ଶବ ସତ୍କାର ବ୍ୟବସ୍ଥା ତଥା ସୁରକ୍ଷା ନିମନ୍ତେ ଏକ ଫାଣ୍ଠି ସ୍ଥାପନାଆଦି କଲ୍ୟାଣମୁଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଗୋଚରକୁ ଅଣାଯିବ ବୋଲି ଏକ ପ୍ରସ୍ତାବ ଗୃହିତ ହୋଇଛି। ବିନା ପ୍ଲାନିଂରେ ଯେନ ତେନ ଭାବରେ ଆପାର୍ଟମେଣ୍ଟ ଗଢିଉଠୁଥିବାରୁ ରାସ୍ତଘାଟ ଆଉ ଡ୍ରେନେଜର ସୁବିଧା ନଥିବାରୁ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ଉପୁଜିବାର ସମ୍ଭାବନା କୁ ଏଡାଇ ଦିଆଯାଇନପାରେ। ଯାହାଦ୍ୱାରା ସ୍ଥାନୀୟ ଜଳାଶୟ ଏବଂ ପାନୀୟ ଜଳ ଦୁଷିତ ହେବାରେ ଲାଗିଛି। ଆପଦବିପଦ ବେଳେ ଜଳ ନିଷ୍କାସନର ଉପାୟ ନଥିବାରୁ ଲୋକେ ଜଳବନ୍ଦୀ ଭିତରେ ରହିବାକୁ ବାଧହେବେ ବୋଲି ଉଦ୍‌ବେଗ ପ୍ରକାଶ ପାଇଛି। ଏହି ସାଧାରଣ ବୈଠକରେ ଭୁବନେଶ୍ୱର ଦକ୍ଷିଣଉପକଣ୍ଠ ବିକାଶ ମଞ୍ଚ ର ୨୧ଜଣିଆ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ସର୍ବଶ୍ରୀ ବିଦ୍ୟାଧର ସାହୁ ସଭାପତି, ସର୍ବେଶ୍ୱର ମହାନ୍ତି, ପ୍ରଦୀପ କୁମାର ମହାନ୍ତି, ବୀଣାପାଣୀ ଜୟସିଂ, ହୃଦାନନ୍ଦ ମିଶ୍ର ଉପ-ସଭାପତି, ରଜନୀକାନ୍ତ ସାମନ୍ତରାୟ ସାଧାରଣ ସଂପାଦକ, ବିଭୁଦତ୍ତ ଛୋଟରାୟ କୋଷାଧକ୍ଷ, ଅମ୍ରିତା ପଟ୍ଟନାୟକ, ସନ୍ତୋଷଦେବ ମହାପାତ୍ର, କିରଣବାଳା ପଣ୍ଡା, ଅଜୟ କୁମାର ମଲ୍ଲିକ ଅଲୋକ କୁମାର ମହାପାତ୍ର ସମେତ ନଅଜଣ କାର୍ଯ୍ୟକାରି ସଦସ୍ୟଏବଂ ଉପଦେଷ୍ଟା ଭାବେ ବିନୋଦ କୁମାର ପଣ୍ଡାଙ୍କୁ ନେଇ ଗଠିତ ଏହି ବିକାଶ ମଂଚ କାର୍ଯ୍ୟକରିବ ବୋଲି ସାଧାରଣ ସଂପାଦକ ପ୍ରକାଶ କରିଛନ୍ତି।

# ସ୍କୁଟିକୁ ଧକ୍କା ଦେଇ ଘରେ ପଶିଲା ଟ୍ରାକ୍ଟର

ବାଲେଶ୍ୱର(ପିଏନ) : ସହଦେବଖୁଣ୍ଟା ଥାନା ଅଧିନସ୍ଥ ଦହପଡ଼ା ନିକଟରେ ସ୍କୁଟିକୁ ଧକ୍କା ଦେଇ ଏକ ଟ୍ରାକ୍ଟର ଘର ଭିତରେ ପଶିଯିବା ଯୋଗୁଁ ସ୍କୁଟି ଚାଳକ ଗୁରୁତର ଆହତ ହୋଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଏକ ଟ୍ରାକ୍ଟର ଫୁଲାଡ଼ି ଅଭିମୁଖେ ଯାଉଥିବା ବେଳେ ଫୁଲାଡ଼ି ରାସ୍ତାର ପଚାଛକ ନିକଟରେ ଭାରସାମ୍ୟ ହରାଇ ଏକ ଘର ଉପରେ ଚଢି ଯାଇଥିଲା । ଘରଟି ସମ୍ପୂର୍ଣ୍ଣ ଭାବେ ଭୁଷୁଡ଼ି ପଡ଼ିଥିଲା । ସବୁଠାରୁ ବଡ଼କଥା ହେଲା ଘର ଭିତରେ ଥିବା ୪ଜଣ ଲୋକଙ୍କର କୌଣସି କ୍ଷତି ହୋଇନଥିବା ବେଳେ ସ୍କୁଟି ଚଳାକ ସେକ୍ ହାଇଦର ଗୁରୁତର ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ଟ୍ରାକ୍ଟର ଡ୍ରାଇଭରକୁ ଖୁଣ୍ଟରେ ବାନ୍ଧି ଏପରି ବେପରୁଆ ଗାଡ଼ି ଚାଳନା ପାଇଁ ନିସ୍ତୁକ ମାଡ଼ ମାରିଥିଲେ । ଖବର ପାଇ ଘଟଣାସ୍ଥଳରେ ସହଦେବଖୁଣ୍ଟା ଥାନା ପୁଲିସ ପହଞ୍ଚି ଡ୍ରାଇଭରଟିକୁ ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ମୁକ୍ତ କରିବା ସହ ଥାନାକୁ ଆଣିଥିଲେ । ଏହାସହ ଧକ୍କା ଲଗାଇଥିବା ଟ୍ରାକ୍ଟରକୁ ଓ ନଷ୍ଟ ହୋଇଥିବା ସ୍କୁଟିକୁ ମଧ୍ୟ ଥାନାକୁ ଅଣାଯାଇଥିଲା ।

# ପୋଖରୀ ସୁରକ୍ଷା ପାଇଁ ସଚେତନତା ଶୋଭାଯାତ୍ରା

ବାଲେଶ୍ୱର(ପିଏନ) : ସହରରେ ଜଳାଶୟର ଆକାର ହ୍ରାସ ପାଇବା ତଥା ପ୍ରଦୂଷଣ ଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ସାମାଜିକ ଅନୁଷ୍ଠାନ ଯୁବବିକାଶ ଓ ସାଥି ସଂଗଠନ ଦ୍ୱାରା ପୌରପାଳିକା ସହଯୋଗରେ ପୋଖରୀ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରିଜର୍ଭ ପୋଲିସ ପୋଖରୀଠାରୁ ଏକ ଶୋଭାଯାତ୍ରା ବାହାରି ଜନସାଧାଣରଙ୍କ ସହିତ ପୋଖରୀ ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା । ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ଅମ୍ରିତ ସରକାର, ଟ୍ରାଫିକ୍ ଥାନ ଏସ୍ଆଇ ପ୍ରଶାନ୍ତ ରଣସିଂ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଏହାବ୍ୟତିତ କାର୍ଯ୍ୟକ୍ରମରେ ପୌରପରିଷଦ ସ୍ୱଚ୍ଛସାଥୀ, ସାନିଟେରୀ ଇନ୍ସପେକ୍ଟର, ସ୍ୱୟଂସହାୟକଗୋଷ୍ଠୀର କର୍ମକର୍ତ୍ତା, ଜିଲ୍ଲା କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ ଯୋଗଦେଇଥିଲେ।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଜିଲ୍ଲାସ୍ତରୀୟ ସତ୍‌ସଂଗ ମହୋତ୍ସବ

ବାଲେଶ୍ୱର(ପିଏନ) : ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୨ତମ ଆବିର୍ଭାବ ମହୋତ୍ସବ ତଥା ଜିଲ୍ଲାସ୍ତରୀୟ ୪୩ତମ କର୍ମୀ ସମ୍ମିଳନୀ ବାଲେଶ୍ୱର ଓଟିରୋଡ଼ ସଂଲଗ୍ନ ସତ୍‌ସଂଗ ବିହାର ପରିସରରେ ଉଦ୍‌ଯାପିତ ହୋଇଛି । ପ୍ରଭାତରେ ନଗର ପରିକ୍ରମା , ଅପରାହ୍ନରେ ସମ୍ମିଳନୀ ଓ ମାତୃସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସକାଳେ ବିଶାଳ ସତ୍‌ସଂଗ ସଭା ଅନୁଷ୍ଠିତ ହୋଇଥିଲା । ସତ୍‌ସଂଗର ସହ ପ୍ରତିରିତିକ୍ ବାସୁଦେବ ବିହାରୀଙ୍କ ପରିଚାଳନାରେ ଭୁବନେଶ୍ୱର ନିୟତ କର୍ମୀସହ ପ୍ରତିରିତିକ ଅଭୟ କୁମାର ପରିହା, ମୁଖ୍ୟ ଅତିଥି ତଥା ଦୁର୍ଗାପୁରର ଶିଶୁ ହୃଦରୋଗ ବିଶେଷଜ୍ଞ ସହପ୍ରତିରିତିକ୍ ଡା. ହେମନ୍ତ କୁମାର ନାୟକ ମୁଖ୍ୟ ବକ୍ତାଭାବରେ ସଭାରେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହପ୍ରତିରିତିକ୍ ଡା. ଅଜିତ୍ କୁମାର ଦାସ,ପ୍ରଫୁଲ୍ଲ କୁମାର ମହାନ୍ତି,କେଦାର ନାଥ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସୁରେନ୍ଦ୍ରନାଥ ପଟ୍ଟନାୟକ, ଅମରେନ୍ଦ୍ର ଲାଲ ଦତ୍ତ, ଭାସ୍କରଚନ୍ଦ୍ର ବାରିକ,ଅଭିନ୍ନ କୁମାର ପଟ୍ଟନାୟକ, ଆର୍ତ୍ତତ୍ରାଣ ଦାସ, ଆଶିଷ ଘୋଷ,ସମୀରଣ ଦେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବିପଦ ଜନକ ଅବସ୍ଥାରେ ବିଦ୍ୟୁତ ତାର, ପ୍ରତିକାର ଦାବି

ବାଲେଶ୍ୱର(ପିଏନ) : ବାହାନଗା ବ୍ଲକ ପଣପଣା ପଞ୍ଚାୟତ ଅଧିନସ୍ଥ ଗୁଣୁଦା ଗାଁରେ ବିପଦ ସଙ୍କୁଳ ଅବସ୍ଥାରେ ମୁଣ୍ଡ ଉପରୁ ଦେଇ ବିଦ୍ୟୁତାର ଝୁଲୁଛି । ଏଥିପାଇଁ ଗ୍ରାମବାସୀ ଛାତ୍ରଛାତ୍ରୀ ପଥଚାରୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏବାବଦରେ ଗ୍ରାମବାସୀ ବାରମ୍ବାର ବିଦ୍ୟୁତ୍ ବିଭାଗକୁ ଅବଗତ କରାଉଥିଲେ ମଧ୍ୟ ତାହାର କିଛି ପ୍ରତିକାର ହେଉନାହିଁ । ଗ୍ରାମର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ନଥାଇ ବାଉଁଶରେ ଭାଡି ବନ୍ଧାହୋଇ ତାର ଓହଳି ଥିବା ଦେଖିବାକୁ ମିଳିଛି । ଏପରି ଜନଗହଳି ଅଞ୍ଚଳରେ ବିପଦଜନକ ଅବସ୍ଥାରେ ତାର ରହିଥିବାରୁ ଗ୍ରାମବାସୀମାନେ ସଙ୍କଟାପନ୍ନ ଅବସ୍ଥାରେ ରହିଛନ୍ତି । ଏସମ୍ପର୍କରେ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଭାଗିରଥି ଜେନା, ଶ୍ରୀଧର ପ୍ରଧାନ, ସୁରେନ୍ଦ୍ର ଧୀନ୍ଦା, ସଂଜୟ ସ ପ୍ରମୁଖ ଦୃଢ ପ୍ରତିବାଦ କରିଛନ୍ତି । ବିଦ୍ୟୁତ୍ ତାର ଏତେ ତଳେ ରହିଛି ଯେ ବିଭିନ୍ନ ସମୟରେ ଗାଁକୁ ଆମ୍ବୁଲେନ୍ସ ମଧ୍ୟ ଯିବାର ବାଟ ବନ୍ଦ ହେଉଥିବାରୁ ରୋଗୀ ସେବାରେ ବ୍ୟାଘାତ ଘଟୁଛି । ଏନେଇ ବିଦ୍ୟୁତ ବିଭାଗ ଆଶୁ ପ୍ରତିକାର ବ୍ୟବସ୍ଥା ଗ୍ରହଣ ନକଲେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି ।

# ଧାନ ସଂଗ୍ରହର ଅଗ୍ରଗତି ଓ ସମସ୍ୟା ସଂପର୍କରେ ସମୀକ୍ଷା ବୈଠକ

ଯାଜପୁର: ଜିଲ୍ଲାରେ ଧାନ କିଣାକୁ ସୁନିୟନ୍ତ୍ରିତ କରିବା ସହ ଯେପରି ଅଭାବି ବିକ୍ରୀ ନ ହୁଏ ସେଥିପାଇଁ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବାକୁ ଭାରପ୍ରାପ୍ତ ଜିଲ୍ଲାପାଳ ଇନ୍ଦ୍ରମଣି ନାୟକ ନିର୍ଦ୍ଦେଶ ଦେଇଛନ୍ତି । ଗୁରୁବାର ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ଧାନ ସଂଗ୍ରହର ଅଗ୍ରଗତି ଓ ସମସ୍ୟା ସଂପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷତା କରି ଭାରପ୍ରାପ୍ତ ଜିଲ୍ଲାପାଳ ଶ୍ରୀ ନାୟକ ପୂର୍ବରୁ ଏକାଧିକ ବାର ବୈଠକ ସରିଛି ଓ ଆଲୋଚନା ହୋଇ ଧାନ କ୍ରୟର ନିୟମାବଳୀ ପ୍ରଣୟନ ହୋଇଚି ବୋଲି କହିଥିଲେ। ସରକାର ଧାନ ସଂଗ୍ରହ ସମୟରେ କି କି ବ୍ୟବସ୍ଥା ଗ୍ରହଣ କରାଯିବ ଓ କେଉଁ ବିଭାଗର କି ପ୍ରକାର କାର୍ଯ୍ୟ କରିବା ଉଚିତ ତାହାର ଗାଇଡଲାଇନ ପ୍ରଦାନ କରିଚନ୍ତି । ଏହାକୁ ନିଷ୍ଠାର ସହ ଉତରଦାୟୀ ଭାବେ ପାଳନ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ମିହିର ପ୍ରସାଦ ମହାନ୍ତି ଜିଲ୍ଲା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଠାରୁ ଅଧିକ ଧାନ ବିକ୍ରୟ ପାଇଁ ଚାଷୀ ମାନଙ୍କ ଠାରୁ ଦାବି ଆସୁଥିବାରୁ ଏହାକୁ ସରକାରଙ୍କୁ ଅବଗତ କରାଇ ଅତିରିକ୍ତ ଲକ୍ଷ୍ୟ ଧାର୍ଯ୍ୟ ପାଇଁ ଅନୁରୋଧ ପତ୍ର ଲେଖିବାକୁ ଯୋଗାଣ ବିଭାଗକୁ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ଅଭାବୀ ବିକ୍ରିକୁ ପ୍ରତିହତ ସହ ଚାଷୀ ମଧ୍ୟ ଉପକୃତ ହୋଇପାରିବ ବୋଲି ସେ କହିଥିଲେ। ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ଧଳ ମିଲର ମାନେ ଠିକ୍ ସମୟରେ ମଣ୍ଡି ମାନଙ୍କରୁ ଧାନ ଉଠାଇବା ଯେତିକି ଜରୁରୀ ଅନ୍ୟାନ୍ୟ ବିଭାଗର କର୍ମଚାରୀ ମାନେ ମଧ୍ୟ ସେମାନଙ୍କ ଦାୟିତ୍ୱକୁ ସଠିକ୍ ଭାବେ ନିର୍ବାହ କରିବା ସେତିକି ଜରୁରୀ । ତେଣୁ ଧାନ ସଂଗ୍ରହ ସମୟରେ ଯୋଗାଣ କର୍ମଚାରୀ, ପ୍ୟାକ୍ସର କର୍ମଚାରୀ ଓ ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀଙ୍କ ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ ପାଇଁ ସେ ପରାମର୍ଶ ଦେଇଥିଲେ । ସର୍ବସମ୍ମତି କ୍ରମେ ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟକୁ ବୃଦ୍ଧି ପାଇଁ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ସ୍ଥିର ହେବା ସହ ମିଲର ମାନେ ଠିକ୍ ସମୟରେ ଧାନ ସଂଗ୍ରହ କରିବାକୁ ସ୍ଥିର ହେଲା । ଚାଷୀ ମାନଙ୍କର କୌଣସି ସମସ୍ୟା ଯେପରି ନ ରହେ ଯୋଗାଣ ବିଭାଗ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବିଭାଗ ସେଥିପ୍ରତି ସତର୍କ ଦୃଷ୍ଟି ରଖି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସୂଚନାଯୋଗ୍ୟ ଯେ, ଜିଲ୍ଲାରେ ୧୩୬ ଗୋଟି ଧାନ ସଂଗ୍ରହ କେନ୍ଦ୍ର ମଧ୍ୟରୁ ପ୍ୟାକ୍ସ ୧୨୦ ଟିରେ ଓ ସ୍ୱୟଂ ସହାୟକ ଗୋଷ୍ଠୀ ୧୬ ଟି ଧାନ ସଂଗ୍ରହ ଦାୟିତ୍ୱ ନେଇଚନ୍ତି। ବର୍ତ୍ତମାନ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ୧୦୮୨୯୩୦ କ୍ୱିଣ୍ଟାଲ ଧାନ ମଧ୍ୟରୁ ୮୫୫୭୪୦.୯୨ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଚି । ଏହି ବୈଠକରେ ଯୋଗାଣ ଅଧିକାରୀ ସୁରେନ୍ଦ୍ର ହୋତା, ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରହଲ୍ଲାଦ ସେଠୀ, ଏ.ଆର.ସି.ଏସ୍. ଶରତ ମଲ୍ଲିକ , ନିୟନ୍ତ୍ରିତ ବଜାର କମିଟି ସଂପାଦକ ରମେଶ ଚନ୍ଦ୍ର ସ୍ୱାଇଁ, ଅନ୍ୟାନ୍ୟ ମାର୍କେଟିଂ ଇନିସ୍ପେକ୍ଟର, ମିଲର ଓ ଅନ୍ୟ ଅଧିକାରୀ ମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ବାବା ଗତିଶ୍ୱର କ୍ରିକେଟ ଟୁର୍ଣ୍ଣାମେଂଟ ଉଦଯାପିତ : ମା ତାରା କ୍ରିକେଟ୍ କ୍ଲବ ଚମ୍ପିଆନ୍

କଣାସ: ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ କାଦୁଆ ଗ୍ରାମପଂଚାୟତର ସାହାସପୁର ଗ୍ରାମ ଖେଳ ପଡିଆରେ ଚାଲିଥିବା ବାବା ଗତିଶ୍ୱର ଦେବ କ୍ରିକେଟ ଟୁର୍ଣ୍ଣାମେଂଟ ଆଜି ଉଦଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ ମା ତାରା କ୍ରିକେଟ କ୍ଲବ ମଙ୍ଗଳାଯୋଡି ଏବଂ ବାବା କପିଳେଶ୍ୱର କ୍ରିକେଟ କ୍ଲବ ଜଙ୍କିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମା ତାରା କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ଫିଲଡିଙ୍ଗ ନିଷ୍ପତି ନେଇ ବାବା କପିଳେଶ୍ୱର କ୍ରିକେଟ କ୍ଲବକୁ ବ୍ୟାଟିଂ ଦେଇଥିଲା। ବାବା କପିଳେଶ୍ୱର କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ଦଶ ଓଭର ଦୁଇଟି ବଲ୍ ଖେଳି ୫୭ ରନ୍ କରିଥିବା ବେଳେ ଏହାର ଜବାବରେ ମା ତାରା କ୍ରିକେଟ କ୍ଲବ ୬ ଓଭର ୩ଟି ବଲ୍ ଖେଳି ୩ ଉଇକେଟ୍ ହରାଇ ୫୮ ରନ୍ କରି ଚଳିତ ବର୍ଷପାଇଁ ଚମ୍ପିଆନ୍ ହୋଇଥିଲା। ରବିନ୍ଦ୍ର ବେହେରା ବ୍ୟକ୍ତିଗତ ଭାବେ ୩୮ରନ୍ କରିବା ସହିତ ବିପକ୍ଷ ଦଳର ୪ଟି ଉଇକେଟ୍ ନେଇଥିବାରୁ ମ୍ୟାନ ଅଫ୍ ମ୍ୟାଚ ବିବେଚିତ ହୋଇଥିବା ବେଳେ ଉକ୍ତ ଦଳର ଜ୍ଞାନରଞ୍ଜନ ବେହେରା ଟୁର୍ଣ୍ଣାମେଂଟରେ ୩୨ ରନ୍ ଦେଇ ୧୧ଟି ଉଇକେଟ୍ ନେଇଥିବାରୁ ମ୍ୟାନ ଅଫ ସିରିଜ୍ ହୋଇଥିଲେ । ୮ ଟି ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିପିନ ସାମନ୍ତରାୟ, ରଜନୀ ପ୍ରଧାନ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସମାଜ ସେବୀ ଅକ୍ରୁର ସାହୁ, ସାଧୁଚରଣ ପ୍ରଧାନ, ବିଶ୍ୱ ଭୂଷଣ ସାମନ୍ତରାୟ, ଶୁଶାନ୍ତ ମହାରଥି, ମଳୟ ରଞ୍ଜନ ସ୍ୱାଇଁ ଅତିଥିବାଭେ ଯୋଗଦେଇ ଚମ୍ପିଆନ୍ ଦଳକୁ ଟ୍ରଫି ସହ ନଗଦ ୯ ହଜାରଟଙ୍କା ଓ ରନର୍ସ ଅପ୍ ଦଳକୁ ରନର୍ସ କପ୍ ସହିତ ୬ ହଜାର ଟଙ୍କା ଅର୍ଥ ପ୍ରଦାନ କରିଥିଲେ। ଦୀପକ ସାମନ୍ତରାୟ, ମୋହନ ପ୍ରଧାନ, ଭକ୍ତଚରଣ ସାହୁ, କୃଳମଣୀ ସାହୁ ଏବଂ କ୍ରିକେଟ୍ କ୍ଲବର କର୍ମକର୍ତା ପୂର୍ଣ୍ଣ ସହଯୋଗ କରିଥିଲେ।

# ଚୋରୀ ଅଭିଯୋଗରେ ଜଣେ ଗିରଫ



ଯୋଡା.(ପିଏନ)- ଯୋଡା ଥାନା ଅନ୍ତର୍ଗତ ସହିଦନଗର ଅଞ୍ଚଳରେ ଚଳିତ ମାସ ୧୦ ତାରିଖ ବିଳମ୍ବିତ ରାତିରେ ତାଲା ତାଡି ଚୋରୀ ଅଭିଯୋଗରରେ ପୁଲିସ ସୋମବାର ଦିନ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାରୁ ପ୍ରକାଶ,ଯୋଡା ପୌରାଞ୍ଚଳର ୭ ନମ୍ବର ୱାର୍ଡ ସ୍ଥିତ ସହିଦନଗର ଅଞ୍ଚଳର ବାଉରି ବନ୍ଧୁ ସେଠୀ ଙ୍କ ଘରୁ ଚଳିତ ମାସ ୧୦ ତାରିଖ ସୋମବାର ବିଳମ୍ବିତ ରାତିରେ ତାଲା ତାଡି ଜୟୀ ମୁଣ୍ଡା ନାମକ ଜୈନିକ ବ୍ୟକ୍ତି ଚୋରୀ କରି ପଳାଉଥିବା ବେଳେ କୌଣସି ଏକ ଶବ୍ଦ ହେବାରୁ ବାଉରି ବନ୍ଧୁଙ୍କ ପରିବାର ନିଦରୁ ଉଠି ଜୟୀ ଏକ ଇସ୍ତ୍ରୀ ଓ ପଙ୍ଖା ନେଇଯାଉଥିବାର ଦେଖି ତାହାଠାରୁ ଚୋରି ଜିନିଷ ଛଡାଇବାକୁ ଉଦ୍ୟମ କରିଥିଲେ । ବାଉରୀ ବନ୍ଧୁଙ୍କ ପରିବାର ଲୋକଙ୍କୁ ଦେଖି ଜୟୀ ମୁଣ୍ଡା ଏକ ଛୁରା ଦେଖାଇ ପରିବାର ଲୋକଙ୍କୁ ଭୟଭୀତ କରାଇ ସେଠାରୁ ଖସିଯିବାରେ ସଫଳ ହୋଇଥିଲା । ଏ ସମ୍ବନ୍ଧେ ବାଉରୀ ବନ୍ଧୁ ସେଠୀ ଯୋଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଏନେଇ ଏକ ଯୋଡା ପୁଲିସ ଏକ ମାମଲା ରୁଜୁ କରି ଛାନଭିନ ଅଭିଯୁକ୍ତକୁ ଗିରଫ ନିମନ୍ତେ ଉଦ୍ୟମ ଚଳାଇଥିଲା । ସୋମବାର ଭୋର ସମୟରେ ପୁଲିସ ଜୟୀ ମୁଣ୍ଡାକୁ ତାର ସହିଦନଗର ସ୍ଥିତ ନିଜ ବାସଭବନରୁ ଗିରଫ କରିଥିବାର ଖବର ମିଳିଛି । ଅଭିଯୁକ୍ତର ନାମରେ ଏଥି ପୂର୍ବରୁ ତିନୋଟି ବିଭିନ୍ନ ଚୋରୀ ଓ ମାଡ଼ପିଟ୍ ମାମଲା ଥିବାର ପୁଲିସ ପ୍ରକାଶ କରିଛି । ଶୁକ୍ରବାର ଅପରାହ୍ନରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ସମୟରେ ତାର ଘରୁ ଚୋରୀ ହୋଇଥିବା ସାମଗ୍ରୀକୁ ପୁଲିସ ଜବତ କରିଥିବାର ଖବର ମିଳିଛି ।

# ପୁରୀ ଓକିଲ ସଂଘ ନିର୍ବାଚନ ଜମୁଛି, ସମ୍ପାଦକ ପଦ ପାଇଁ ପରିବର୍ତ୍ତନର ସୁଅ !

ପୁରୀ: ଓଡିଶା ରାଜ୍ୟ ବାର କାଉନସିଲର ନିଷ୍ପତି କ୍ରମେ ଆସନ୍ତା ମାର୍ଚ୍ଚ ୨୮ରେ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହେବ । ୱାନ ବାର ୱାନ୍ ଭୋଟ ନୀତିରେ ସାରା ରାଜ୍ୟରେ ଥିବା ଓକିଲ ସଂଘଗୁଡିକରେ ନିର୍ବାଚନ ଅନୁଷ୍ଠିତ ହେବ । ପୁରାତନ ଓକିଲ ସଂଘଭାବେ ପରିଚିତ ପୁରୀ ଓକିଲ ସଂଘରେ ମଧ୍ୟ ନିର୍ବାଚନ ପାଇଁ ଚର୍ଚ୍ଚାର ସରଗରମ ହେଲାଣି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦବୀ ସାଧାରଣ ସଂପାଦକଙ୍କ ପାଇଁ ଏଥର ବିଶେଷ ଭାବେ ପ୍ରତିଯୋଗିତା ହେବାର ସମ୍ଭାବନା ରହିଛି। ବାରମ୍ବାର କେତେକ ପ୍ରାର୍ଥୀ ଜିତୁଥିବାରୁ ଅନେକ ବରିଷ୍ଠ ଓ ଯୁବ ଓକିଲମାନେ ଏହାକୁ ପସନ୍ଦ କରୁନଥିବା ଆଲୋଚନା ହେଉଛି ।

# ଅସହମତି ସତ୍ତ୍ୱେ ଜନମତର ନିର୍ଣ୍ଣୟକୁ ସମ୍ମାନ କର : ଉପରାଷ୍ଟ୍ରପତି

ନୂଆଦିଲ୍ଲୀ: ନାଗରିକତା ସଂଶୋଧନ ଆଇନ (ସିଏଏ)କୁ ନେଇ ଦେଶର ବିଭିନ୍ନ ସ୍ଥାନରେ ବିରୋଧ ଜାରୀ ରହିଥିବା ବେଳେ ଗୁରୁବାର ଉପରାଷ୍ଟ୍ରପତି ଏମ. ଭେଙ୍କୟା ନାଇଡୁ ଜନମତକୁ ସମ୍ମାନ କରିବାକୁ ବିରୋଧି ଦଳମାନଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ, ଏକ ସୁସ୍ଥ ଗଣତନ୍ତ୍ରର ମୂଳମନ୍ତ୍ର ଯୁକ୍ତି । ଏହାଦ୍ୱାରା କୌଣସି ନିର୍ଣ୍ଣୟରେ ପହଂଚି ହୁଏ । ଗଣତନ୍ତ୍ରରେ ଅସହମତି ହୋଇଥିଲେ ସୁଦ୍ଧା ଜନମତ ଦ୍ୱାରା ନିଆଯାଇଥିବା ନିଷ୍ପତିକୁ ସମସ୍ତେ ସ୍ୱୀକାର କରିବା ଉଚିତ୍ । ଶ୍ରୀ ନାଇଡୁ ଆଜି ଭାରତୀୟ ଛାତ୍ର ସଂସଦ (ବିସିଏସ) ଏବଂ ଏମଆଇଟି ସ୍କୁଲ ଅଫ ଗଭର୍ଣ୍ଣମେଂଟ (ଏମଆଇଟି-ଏସଓଜି) ପକ୍ଷରୁ ମିଳିତ ଭାବେ ବିଜ୍ଞାନ ଭବନରେ ଆୟୋଜିତ ୪ ଦିବସୀୟ ଭାରତୀୟ ଛାତ୍ର ସଂସର ଉଦଘାଟନ ସମାରୋହରେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବୋଧନ କରି ଏହା କହିଛନ୍ତି । ଏହି ଅବସରରେ ଉପରାଷ୍ଟ୍ରପତି ଶ୍ରୀ ନାଇଡୁ କେରଳ ବିଧାନସଭାର ଅଧ୍ୟକ୍ଷ ପି. ରାମକୃଷ୍ଣନଙ୍କୁ ଆଦର୍ଶ ବିଧାନସଭା ଅଧ୍ୟକ୍ଷ ସମ୍ମାନରେ ସମ୍ମାନିତ କରିଥିଲେ ।ଉଦବୋଧନରେ ସେ କହିଥିଲେ ଯେ, ବାସ୍ତବରେ ଲୋକତନ୍ତ୍ର ପ୍ରଶାସନର ସବୁଠୁ ଭଲ ପ୍ରଣାଳୀ । ମୁଁ ଆଶା କରୁଛି ମୋର ପ୍ରତ୍ୟେକ ସାଂସଦ ଏବଂ ଲୋକ ପ୍ରତିନିଧି ପ୍ରତ୍ୟେକ ମଂଚରେ ଲୋକତାନ୍ତ୍ରିକ ବିଚାରବିମର୍ଶକୁ ଅଧିକ ଉଚ୍ଚତର କରନ୍ତୁ । ଆହୁରି ମଧ୍ୟ ସେ କହିଥିଲେ ଯେ, ଆମକୁ ରାଜନୀତି ସହିତ ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ମିଶନ ରୂପରେ ନେବା ଆବଶ୍ୟକ । ଜନସାଧାରଣଙ୍କ ସେବା କରିବାର ଏକ ମାଧ୍ୟମ ହେଉଛି ରାଜନୀତି । ସମାଜର ଆର୍ଥିକ ଓ ରାଜନୈତିକ ପରିବର୍ତନ ଦ୍ୱାରା ରାଷ୍ଟ୍ରୀୟ ବିକାଶ ପ୍ରକ୍ରିୟାକୁ ଆହୁରି ବିକଶିତ କରିବା ତଥା ଗଣତାନ୍ତ୍ରିକ ମୂଳକୁ ଆହୁରି ସୁଦୃଢ଼ କରିବାର ଏହା ଏକ ପ୍ରୟାସ ।

# ଫସଲ ବୀମା ଯୋଜନାର ପ୍ରିମିୟମ୍ ଅର୍ଥରାଶିରେ କାଟ୍ ଚାଷୀଙ୍କ ସହିତ ସବୁଠୁ ବଡ଼ ବିଶ୍ୱାସଘାତକତା:କଂଗ୍ରେସ

ନୂଆଦିଲ୍ଲୀ: ଫସଲ ବୀମା ଯୋଜନାର ପ୍ରିମିୟମ୍ ଅର୍ଥରାଶିରେ କାଟ୍ ଚାଷୀଙ୍କ ସହିତ ସବୁଠୁ ବଡ଼ ବିଶ୍ୱାସଘାତକତା ବୋଲି କହିଛି କଂଗ୍ରେସ । କେନ୍ଦ୍ର ସରକାରଙ୍କ ଉପରେ ଅଭିଯୋଗ ଆଣି ବିରୋଧୀ ଦଳ ମାନେ ଏହା ଚାଷୀଙ୍କ ଉପରେ ଆକ୍ରମଣ ବୋଲି ଦର୍ଶାଇଛନ୍ତି । କଂଗ୍ରେସ କହିଛି ଏ ପ୍ରକାର ନିର୍ଣ୍ଣୟ ଦେଶର ଅନ୍ନଦାତା ମାନଙ୍କ ପେଟକୁ ଲାତ୍ ମାରିବା ସଦୃଶ । ଯାହାକି ଅତ୍ୟନ୍ତ ଲଜ୍ଜାଜନକ । ଗୁରୁବାର ଦିନ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ରାଷ୍ଟ୍ରୀୟ ମୁଖପାତ୍ର ରଣଦୀପ ସିଂହ ସୁରଜୱାଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ମୌସୁମି ଆଧାରିତ ଫସଲ ବୀମା ଯୋଜନାର ପ୍ରିମିୟମ୍ ରେ କାଟ୍ ଦ୍ୱାରା ଆଗକୁ ଚାଷୀଙ୍କ ବୋଝ ବଢ଼ିବ । ସେ କହିଛନ୍ତି ଯେ, ପୂର୍ବରୁ ଫସଲ ବୀମା ଯୋଜନାରେ ୨ ପ୍ରତିଶତ ବୀମା ପ୍ରିମିୟମ୍ ରାଶି ଚାଷୀ ଦେଉଥିଲା । ଏବଂ ଶେଷ ରାଶିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭାଗ ୫୦-୫୦ ପ୍ରତିଶତ ରହିଥିଲା । କିନ୍ତୁ, ସରକାର ମୋଗଲଙ୍କ ଭଳି ଫତୁଆ ଜାରୀ କରି କହିଲେ ଏଣିକି ସେ କେବଳ ୨୫ ପ୍ରତିଶତ ଅର୍ଥ ରାଶି ଦେବେ ।

# କନ୍ଧମାଳ ପୁସ୍ତକ ଉତ୍ସବରେ ଓଡିଆ ଭାଷା ପ୍ରତିଷ୍ଠାନର କାର୍ଯ୍ୟକ୍ରମ

କନ୍ଧମାଳ:କନ୍ଧମାଳ ଜିଲାର ପୁରାତନ ଏବଂ ପ୍ରଥମ ପଞ୍ଜିକୃତ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋସ୍ନା ସାହିତ୍ୟ ସଂସଦ ତରଫରୁ ଚଳିତ ବର୍ଷ ଆୟୋଜିତ ପୁସ୍ତକ ଉତ୍ସବ ଏବଂ ସାଂସ୍କୃତିକ ମେଳାରେ ଓଡିଆ ଭାଷା ପ୍ରତିଷ୍ଠାନର ଏକ ଦିବସୀୟ ଆଲୋଚନାଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ ପ୍ରଫେସର ତୀର୍ଥ ଯାନୀ ସଭାପତିତ୍ୱ କରିଥିବାବେଳେ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶିକା ଡାକ୍ତର ତମସା ଦାସମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ଓଡିଆ ଭାଷାର ପ୍ରଚଳନ ଏବଂ ସରକାରୀ କାର୍ଯ୍ୟରେ ଏହାର ବ୍ୟବହାର ପ୍ରତି ଦେଇଥିବା ଗୁରୁତ୍ୱ ବିଷୟରେ ବକ୍ତବ୍ୟ ଦେଇଥିଲେ । କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବରେ ଓଡିଆ ଭାଷାବିତ୍ ଡଃ. ବିଜୟଲକ୍ଷ୍ମୀ ମହାନ୍ତି ଯୋଗ ଦେଇ ଓଡିଆ ଭାଷାର ଉତ୍ପତି ଓ ଏହାର କ୍ରମ ବିକାଶ ବାବଦରେ ଉପସ୍ଥିତ ଶ୍ରୋତାମାନଙ୍କୁ ଅବଗତ କରାଇଥିଲେ । ଅନ୍ୟତମ ଆଲୋଚକ ଭାବରେ ଡଃ. ପୂର୍ଣ୍ଣେନ୍ଦୁ ତ୍ରିପାଠୀ, ଅଧାପକ ରାମକୃଷ୍ଣ ମହାନ୍ତି, ସୁଶ୍ରୀ ସୁସଙ୍ଗିତା ମହାନ୍ତି ଏବଂ କିରଣ କୁମାର ମାହାନ୍ତି ଓଡିଆ ଭାଷା ଓ ସଂସ୍କୃତିର କିଭଳି ଭାବରେ ପ୍ରଚାର ଏବଂ ପ୍ରସାର ହୋଇପାରିବ ଏହା ବାବଦରେ ସେମାନଙ୍କର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ଡଃ. କାହ୍ନୁଚରଣ ଶତପଥି ପରିଚାଳନା କରିଥିଲେ । ଶେଷରେ ସଦସ୍ୟା ଗୀତାଞ୍ଜଳି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡିଶା ବଜାରରେ ପ୍ରବେଶ କଲା 'ଆମ୍‌ଷ୍ଟ୍ରାଡ୍'ର ଏସି ଓ ଟିଭି




ଭୂବନେଶ୍ୱର(ପିଏନ)- ଓଡିଶା ବଜାରରେ "ଆମ୍‌ଷ୍ଟ୍ରାଡ୍" ବ୍ରାଣ୍ଡର ଏସି,ଟିଭି ଓ ୱାସିଂ ମେସିନ୍ ବିକ୍ରି ହେଉଛି । ୨୦୧୯ମସିହାରୁ ବ୍ୟବସାୟ କରୁଥିବା ଏହି କମ୍ପାନୀ ରାଜ୍ୟରେ ୨୦୦ରୁ ଅଧିକ ଡିଲରଙ୍କ ଜରିଆରେ ଏହାର ସାମଗ୍ରୀଗୁଡିକୁ ବିକ୍ରି କରୁଛି । 'ଆମ୍‌ଷ୍ଟ୍ରାଡ୍' ହେଉଛି ବ୍ରିଟେନ୍‌ରୁ ସୃଷ୍ଟି ହୋଇଥିବା ଏକ ବ୍ରାଣ୍ଡ୍ ଯାହାର ସାମଗ୍ରୀଗୁଡିକୁ ପୁନେର କମ୍ପାନୀ 'ଓଭିଓଟି' ପ୍ରାଇଭେଟ୍ ଲିମିଟେଡ୍ ବିକ୍ରି କରିବାର ଅଧିକାର ହାସଲ କରିଛି । ଆଜି ଭୂବନେଶ୍ୱରସ୍ଥ ହୋଟେଲ୍ ସ୍ୱସ୍ତି ପ୍ରେମିୟମ୍‌ଠାରେ କମ୍ପାନୀ ତରଫରୁ ଆୟୋଜିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ 'ଓଭିଓଟି'ର ଏମ୍‌ଡି ତଥା ସିଇଓ ନିପୁଲ୍ ସିଂଘଲ୍ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ, କମ୍ପାନୀ କେବଳ ଷ୍ଟୋର୍ ଜରିଆରେ ଏହାର ଉତ୍ପାଦ ବିକ୍ରି କରିବ । ଅନ୍‌ଲାଇନ୍‌ରେ ସାମଗ୍ରୀ ବିକ୍ରି କରିବାର କୌଣସି ଯୋଜନା ଆମର ନାହିଁ। ଗ୍ରାହକମାନଙ୍କୁ ଆମେ ଗୁଣାତ୍ମକ ସେବା ଓ ଅତ୍ୟାଧୁନିକ ପ୍ରଯୁକ୍ତିକୁ ପ୍ରିମିୟମ୍ ଉତ୍ପାଦ ଆକାରରେ ସୁଲଭ ମୁଲ୍ୟରେ ପ୍ରଦାନ କରିବାକୁ ପ୍ରୟାସ ଜାରି ରଖିଛୁ । କମ୍ପାନୀ ଏବେ ଆଣ୍ଡ୍ରଏଡ୍ ଟିଭି, ୱିଣ୍ଡୋ ଓ ସ୍ପ୍ଲିଟ୍ ଏସି ଏବଂ ୩୬୦ଡିଗ୍ରୀ ୱାସିଂ ମେସିନ୍ ବିକ୍ରି କରୁଛି । ଏହାର ୱାସିଂ ମେସିନ୍‌ରେ ଷ୍ଟିମ୍ ଆଇରନ୍ ର ବ୍ୟବସ୍ଥା ରହିଛି । ଏବେ କମ୍ପାନୀ ଏହାର ଉତ୍ପାଦଗୁଡିକୁ ଥାଇଲ୍ୟାଣ୍ଡରୁ ଆଣି ଭାରତରେ ବିକ୍ରି କରୁଛି । ଚଳିତ ବର୍ଷ ପୁନେର ସୁପା ଶିଳ୍ପାଂଚଳରେ ଏହି କମ୍ପାନୀ ଏକ କାରଖାନା ସ୍ଥାପନ କରି ସାମଗ୍ରୀଗୁଡିକୁ ଉତ୍ପାଦନ କରିବ । ଉକ୍ତ କାରଖାନାରେ ୩୦୦କୋଟି ଟଙ୍କା କମ୍ପାନୀ ବିନିଯୋଗ କରିବାକୁ ଯୋଜନା ରଖିଛି । କେବଳ ଏତିକି ନୁହେଁ ଆହୁରି ମଧ୍ୟ ଆଗାମୀ ଦିନରେ ଏହି କମ୍ପାନୀ ଏୟାର କୁଲର୍ ଓ ରେଫ୍ରିଜରେଟର ବିକ୍ରି କରିବାକୁ ଯୋଜନା ରଖିଛି ବୋଲି ଶ୍ରୀ ସିଂଘଲ୍ କହିଛନ୍ତି । ଏହି ଅବସରରେ କମ୍ପାନୀର ଭିପି ନୀତିନ୍ ତ୍ରିହାନ, ଓଡିଶା ରାଜ୍ୟ ମୁଖ୍ୟ ଗୌତମ ନାୟକ ଓ ମ୍ୟାକ୍ସ ଇଂଟରନ୍ୟାସନାଲ୍ର ଆଦିତ୍ୟ ହଂସ ପ୍ରମୁଖ ଉପସ୍ଥିତ ଥିଲେ ।

# ଚିଲିକା ଉତରନାସୀ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ବଢୁଛି ପକ୍ଷୀ ଶିକାର

କଣାସ:ଏସିଆ ମହାଦେଶର ବୃହତମ ଲୁଣି ହ୍ରଦ ଓ ପକ୍ଷୀ ଅଭୟାରଣ୍ୟ ଭାବେ ଖ୍ୟାତି ଅର୍ଜ୍ଜନ କରିଥିବା ଚିଲିକାରେ ସମ୍ପ୍ରତି ଅବାଧ ପକ୍ଷୀ ଶିକାର ବୃଦ୍ଧି ପାଇଛି । ପ୍ରତ୍ୟେକ ବର୍ଷ ଶୀତର ଆଗମନ ହେଲେ ଲକ୍ଷ ଲକ୍ଷ ସଂଖ୍ୟାରେ ବିଦେଶୀ ପକ୍ଷୀଙ୍କୁ ଏଠାରେ ଦେଖିବାକୁ ମିଳିଥାଏ । ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ଉପସ୍ଥିତି ଚିଲିକାର ସୈନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ । ଏବେ ପକ୍ଷୀମାନଙ୍କ ପାଇଁ ବିପଦ ସାଜିଛି ଚିଲିକାର ଉତରନାସୀ । ଶିକାରୀମାନେ ରଖିଥିବା ବିଷରେ ଚିଲିକା ଉତରନାସୀରେ ପ୍ରତିଦିନ ଶହ ଶହ ସଂଖ୍ୟାରେ ପକ୍ଷୀ ମରୁଛନ୍ତି। ଅନେକ ଶିକରୀ ମୃତପକ୍ଷୀଙ୍କ ଶହ ଧରାପଡୁଥିବା ବେଳେ ଅନେକ ଶିକାରୀ ଅନାୟସରେ ପକ୍ଷୀ ଶିକାର କରି ଫେରିଯାଉଛନ୍ତି। ଚିଲିକାର ପକ୍ଷୀ ଅଭୟାଣ୍ୟଭାବେ ପରିଚିତ ନଳବଣରେ ଖାଦ୍ୟ ଅଭାବଯୋଗୁ ବିଦେଶୀପକ୍ଷୀମାନେ ଖାଦ୍ୟ ପାଇଁ ଚିଲିକା ଉତରନାସୀରେ ଭିଡ଼ ଜମାଇଥିବା ବେଳେ ଅନେକ ବିଦେଶୀପକ୍ଷୀ ଚିଲିକା ଉପକୂଳବର୍ତ୍ତୀ ଗାଁ ଗହଳିର ଧାନ ଜମିରେ ପୋକ ଜୋକ ଖାଇବା ପାଇଁ ପଶିଆସିଥିବା ଦେଖିବାକୁ ମିଳୁଛି। ପକ୍ଷୀମାନଙ୍କ ସୁରକ୍ଷା ପାଇଁ ବାଲୁଗାଁ ବନ୍ୟ ପ୍ରାଣୀ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ୧୯ଟି ସ୍କାଡ୍ ଗଠନ କରାଯାଇ ଯନ୍ତ୍ରଚାଳିତ ବୋଟ୍ ଯୋଗେ ସୁରକ୍ଷା କର୍ମୀମାନେ ଚିଲିକାରେ ପଇନ୍ତରା ମାରୁଥିବାବେଳେ ଭୁସୁଣ୍ଡପୁର ଠାରୁ ବ୍ରହ୍ମଗିରୀ ପର୍ଯ୍ୟନ୍ତ ବ୍ୟାପିଥିବା ଚିଲିକାର ଉତରନାସୀରେ ପକ୍ଷୀମାନଙ୍କ ସୁରକ୍ଷା ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ । ଫଳରେ ଚିଲିକା ଉତରନାସୀରେ ବିଦେଶାଗତ ପକ୍ଷୀଙ୍କ ଭିଡ଼ ଜମିଆସୁଥିବା ବେଳକୁ ଶିକାରୀମାନେ ତତ୍‌ପର ହୋଇ ଉଠିଛନ୍ତି। ଚିଲିକାର ଉତରନାସୀରେ ଚିଲିକା ସହିତ ମିଶିଛନ୍ତି ଦୟା ଓ ମକରା ନଦୀ । ଏହି ସଙ୍ଗମ ସ୍ଥଳରେ ଛୋଟ ଛୋଟ କୁଜି କଇଁ ନାଡ ଏବଂ କଳିକତି ଦଳ ଏବଂ ପୋକ ଜୋକ ଯଥେଷ୍ଟ ପରିମାଣର ଥିବାରୁ ହଜାର ହଜାର ପକ୍ଷୀ ନଳବଣ ଛାଡି ଖାଦ୍ୟପାଇଁ ଏଠାରେ ଭିଡ଼ ଜମାଇଛନ୍ତି। ଏହାର ସୁଯୋଗ ନେଇ ଦୁରଦୂରନ୍ତରୁ ଆସି ଅନେକ ଶିକାରୀ ଆଖପାଖ ଗ୍ରାମରେ ନିଜ ନିଜ ଯାନବାହନ ରଖି ଚିଲିକା ମଧ୍ୟକୁ ପ୍ରବେଶ କରି ଫାସ ବସାଇବା ଏବଂ କଇଁ ଫୁଲ କେଶରରେ ବିଷଯୁକ୍ତ ଔଷଧ ଦେଇ ପକ୍ଷୀମାନଙ୍କୁ କରାୟତ କରୁଥିବା ଅଭିଯୋଗ ହେଉଛି। ତୁରନ୍ତ ବନ୍ୟପ୍ରାଣୀ ପକ୍ଷରୁ ପକ୍ଷୀମାନଙ୍କ ସୁରକ୍ଷାପାଇଁ କଡ଼ା କଡ଼ି ବ୍ୟବସ୍ଥା କରିବାକୁ ପକ୍ଷୀ ପ୍ରେମୀମାନଙ୍କ ପକ୍ଷରୁ ଦାବି ହେଉଛି।




# ଗ୍ରାହକଙ୍କୁ ଠକୁଛନ୍ତି ସୁନା ଦୋକାନୀ: ମାପ ଓ ଓଜନ ବିଭାଗର ସ୍ଥାଣୁତା ନେଇ ପ୍ରଶ୍ନବାଚୀ

କେନ୍ଦୁଝର (ପିଏନ୍): କେନ୍ଦୁଝର ସହର ଏବଂ ଆଖପାଖ ମୟୁରଭଞ୍ଜ ଓ ଅନୁଗୋଳ ଜିଲ୍ଲାର ଗ୍ରାହକଙ୍କୁ କେନ୍ଦୁଝର ସହରରେ ଥିବା କେତେକ ସୁନା ଦୋକାନୀ ହଲ୍ ମାର୍କ ନାଁରେ କମ୍ କ୍ୟାରେଟ ସୁନା ବିକ୍ରୀ ସହ ଓଜନରେ ବ୍ୟାପକ ଠକେଇ ହେଉଥିବା ଅଭିଯୋଗ ହୋଇଆସୁଛି। ସୁନା ଦୋକାନୀମାନେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ହୋଡିଂ, ପେପରରେ ଲିଫଲେଟ ଏବଂ ଖବରକାଗଜରେ ବିଜ୍ଞାପନ ଦେବା ସହ ବିଭିନ୍ନ ଅଫର ଘୋଷଣା କରୁଛନ୍ତି। ବିଶେଷ କରି ପାର୍ବଣ ଋତୁ ଦଶହରାଠାରୁ ଦୀପାବଳି ପର୍ଯ୍ୟନ୍ତ ଗହଣା ଦୋକାନଗୁଡିକ ଗ୍ରାହକମାନଙ୍କୁ ଅଭିନବ ଉପାୟରେ ଠକୁଥିବା ଅଭିଯୋଗ ହେଉଛି। ସରକାରଙ୍କ ଦ୍ୱାରା ସୁନା ଉପରେ ହଲମାର୍କ ସହ ସୁନାର କ୍ୟାରେଟ, ଦୋକାନୀ ନାମ ଏବଂ ହଲମାର୍କ ଦେଇଥିବା କମ୍ପାନୀର କୋର୍ଡ ରହିବା ଜରୁରୀ ଅଟେ। ସୁନାର ଶୁଦ୍ଧତା ୨୨ କ୍ୟାରେଟ ଥିଲେ ୯୧୬ ଚିହ୍ନ ରହିବା ଜରୁରୀ ଅଟେ। ମାତ୍ର ଅନେକ ବଡ ବଡ ସୁନା ବ୍ୟବସାୟୀ ୯୧୬ ଚିହ୍ନ ରହିନଥିଲେ ମଧ୍ୟ ୨୨ କ୍ୟାରେଟ କହି ବିକ୍ରୀ କରିଥାନ୍ତି। ସୁନା ଦୋକାନୀମାନେ ସୁନା ୧୦ ଗ୍ରାମ ପ୍ରତି ୩୦୦୦ ଟଙ୍କା ଛାଡ, ଗଢା ମଜୁରୀରେ ୫୦% ରିହାତି, ରୂପା ଗଢା ମଜୁରୀ ସଂପୂର୍ଣ୍ଣ ଛାଡ ଇତ୍ୟାଦି ଲୋଭନୀୟ ଅଫରମାନ ଦେଇ ଗ୍ରାହକମାନଙ୍କୁ ଦୀର୍ଘଦିନ ହେବ ହଲମାର୍କ ସୁନା ନାଁରେ କମ ଶୁଦ୍ଧତା ଥିବା ସୁନା ଅଳଙ୍କାର ବିକ୍ରୀ କରୁଛନ୍ତି। ସୁନାର ମାନ କମ୍ କରି କେତେକ ସୁନା ଦୋକାନୀ ହଲ ମାର୍କ ଷ୍ଟାମ୍ପ ଦେଇ ଗ୍ରାହକମାନଙ୍କ ବିଶ୍ୱାସରେ ବିଷ ଦେଇ ଲୁଟି ଚାଲିଛନ୍ତି। ଆଉ କେତେକ ସୁନା ଦୋକାନୀ ୨୨ କ୍ୟାରେଟ ପଇସା ନେଇ ୧୮ କ୍ୟାରେଟ ସୁନା ବିକ୍ରୀ କରୁଛନ୍ତି। ସରକାର ସୁନାରେ ହଲମାର୍କ ଏବଂ ବିଆଇଏସ ଲୋଗୋ ଲଗାଇବା ପାଇଁ ବାଧ୍ୟ କରିଛନ୍ତି। ଅନ୍ୟ କେତେକ ଦୋକାନୀ ବିଭିନ୍ନ ହଲମାର୍କ କମ୍ପାନୀର କର୍ମଚାରୀଙ୍କୁ ହାତ କରି ୧୪ କ୍ୟାରେଟ ଏବଂ ୧୬ କ୍ୟାରେଟ ସୁନା ଉପରେ ୨୨ କ୍ୟାରେଟ ହଲମାର୍କ ଷ୍ଟାମ୍ପିଂ ମାରି ଦେଇ ଗ୍ରାହକମାନଙ୍କୁ ଠକୁଛନ୍ତି। ଆଉ କେତେକ ଅଳଙ୍କାର ଉପରେ ହଲମାର୍କ ମାରି ତାହା ସହ ବିନା ହଲମାର୍କ ଅଳଙ୍କାର ବିକ୍ରି କରି ଗ୍ରାହକମାନଙ୍କୁ ଶୋଷଣ କରୁଛନ୍ତି। ଆହୁରି ମଧ୍ୟ ଜଣାପଡିଛି ୧୮କ୍ୟାରେଟ, ୨୦କ୍ୟାରେଟ, ୨୨ କ୍ୟାରେଟ ଇତ୍ୟାଦି ବିଭିନ୍ନ ଅଳଙ୍କାର ଉପରେ ସେହି ମାନର ହଲମାର୍କ ଦିଆଯାଇଥାଏ। କିନ୍ତୁ କେନ୍ଦୁଝର ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ଗ୍ରାହକମାନେ ସୁନା ହଲମାର୍କ ତନଖି କରିନପାରି ନିମ୍ନ ହଲମାର୍କ ସୁନାକୁ ୨୨କ୍ୟାରେଟ ହିସାବରେ କିଣିଥାନ୍ତି। କେତେକ କ୍ଷେତ୍ରରେ ଦେଖାଯାଇଛି ସୁନା ଓଜନରେ ମଧ୍ୟ ଦୋକାନୀମାନେ ଠକୁଛନ୍ତି। ୧୦ଗ୍ରାମର ସୁନା ଅନ୍ୟ କେଉଁଠି ଓଜନ କଲେ ୯ଗ୍ରାମ ୫୦୦ମିଲି ଗ୍ରାମ ହେଉଥିବାର ଅଭିଯୋଗ ହେଉଛି। ଓଜନରେ ସୁନା ଦୋକାନୀ ଠକୁଥିଲେ ମଧ ଅସାଧୁ ବ୍ୟବସାୟୀଙ୍କ ଉପରେ ମାପ ଓ ଓଜନ ବିଭାଗ ପକ୍ଷରୁ ଚଢଉ କରାଯାଉନାହିଁ। କେନ୍ଦୁଝରରେ ଭୂଲ ଓଜନ କରି ଗ୍ରାହକଙ୍କୁ ଠକୁଥିବା ସୁନା ଦୋକାନୀଙ୍କ ଉପରେ ଚଢଉ କରାଯାଉନାହିଁ। କେନ୍ଦୁଝର ସହରରେ ବହୁ ନାମକରା ସୁନା ଦୋକାନୀ ଲୋକଙ୍କ ସହ ମଧୁର କଥା କହି ଦୀର୍ଘ ବର୍ଷ ହେବ ଠକି ଚାଲିଥିଲେ ମଧ ବିଭାଗ ଜାଣି ମଧ୍ୟ ଚୁପ ବସିଛି। ବୈଧ ମାପରେ ତ୍ରୁଟି ପରେ ରାଜଧାନୀର ବହୁ ପ୍ରତିଷ୍ଠିତ ସୁନା ଦୋକାନୀ ଉପରେ ଚଢଉ କରାଯାଇ ଜରିମାନା ଆଦାୟ କରାଯାଇଛି। ମାତ୍ର କେନ୍ଦୁଝରରେ ଏହି ବିଭାଗ ସଂପୂର୍ଣ୍ଣ ସ୍ଥାଣୁ ପାଲଟିଛି। ବ୍ୟବସାୟୀ ଚଢ଼ଉ ହେବା ପୂର୍ବରୁ ସଜାଗ ହୋଇ ନିଜ ମାପ ଓଜନ ମେସିନ ଠିକ୍ କଲା ପରେ ବିଭାଗ ବିଳମ୍ବରେ ଚଢଉ କରିବ ବୋଲି ଗ୍ରହକମାନେ ଖୋଲାଖୋଲି କହୁଛନ୍ତି। କେନ୍ଦୁଝରରେ ଥିବା ମାପ ଓ ଓଜନ ବିଭାଗର ବରିଷ୍ଠ ଇନ୍ସପେକ୍ଟର ରବିନ୍ଦ୍ର କୁମାର ମହାପାତ୍ର ଦୀର୍ଘ ବର୍ଷ ଧରି ରହିଥିଲେ ମଧ୍ୟ ତାଙ୍କ ବଦଳି ହେଉନାହିଁ। ବିଭାଗର ସ୍ଥାଣୁତା ପଛରେ ତାଙ୍କର ହାତ ରହିଥିବା ସାଧାରଣରେ ଆଲୋଚନା ହେଉଛି। ଅନ୍ୟ ବିଭାଗରେ ତିନିବର୍ଷରେ ବଦଳି ନିୟମ ଥିବାବେଳେ ଜଣେ କରିତ୍କର୍ମା ଇନ୍ସପେକ୍ଟର ଦୀର୍ଘ ୬ ବର୍ଷ ଧରି କିପରି ଗୋଟିଏ ସ୍ଥାନରେ ରହିଲେ ତାହା ଏବେ ଆଲୋଚନାର ବିଷୟ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅପମିଶ୍ରଣ ଓ ଠକେଇ ରୋକିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କେନ୍ଦୁଝରରେ ବିଭାଗର ସ୍ଥାଣୁତା ଏବଂ ଅପାରଗତାକୁ ନେଇ ପ୍ରଶ୍ନ ଉଠିଛି। କେନ୍ଦୁଝର ସହରରେ ଅନେକ ନାମକରା ସୁନା ଦୋକାନୀ ପୁରୁଣା ସୁନା ବଦଳାଇବାବେଳେ ଗୋଟିଏ ନିକିତିରେ ନେବାବେଳେ ନୂଆ ସୁନା ଆଉ ଗୋଟିଏ ନିକିତିରେ ବିକ୍ରି କରି ଠକୁଥିବା ଜଣାପଡିଛି। ସୁନା ଦୋକାନୀ ଗୋଟିଏ ନିକିତି ରଖିବାର ନିୟମ ଥିଲେ ମଧ୍ୟ କାହିଁକି ଦୁଇ ଦୁଇଟି ନିକିତି ରଖିଛନ୍ତି ତାହା ମାପ ଓ ଓଜନ ବିଭାଗ ଜାଣି ମଧ୍ୟ ଚଢଉ କରୁ ନ ଥିବା ଅଭିଯୋଗ ହୋଇଛି। କେନ୍ଦୁଝର ସହରରେ ଦୁଇଟି ସୁନା ଦୋକାନ ପୁରୁଣା ସୁନା ବଦଳ ପାଇଁ ଗୋଟିଏ ନିକିତି ଏବଂ ନୂଆ ସୁନା କିଣିବା ସମୟରେ ଆଉ ଗୋଟିଏ ନିକିତିରେ ଓଜନ କରୁଥିବା ଜଣାପଡିଛି। କେନ୍ଦୁଝରରେ କୌଣସି ସୁନା ଦୋକାନରେ ଏପରିକି ନିଜକୁ ସବୁଠାରୁ ବଡ ଦୋକାନୀ ଭାବେ ପରିଚୟ ଦେଉଥିବା ଦୋକାନରେ ମଧ୍ୟ ସୁନାର ମାନ ପରୀକ୍ଷା ପାଇଁ କୌଣସି ଯନ୍ତ୍ର ରଖିନାହାଁନ୍ତି। ତେଣୁ ଗ୍ରାହକମାନେ ସୁନା କିଣିଲାବେଳେ ସୁନାର ମାନ ଯାଂଚ କରିନପାରି ଠକାମୀର ଠିକାର ହେଉଛନ୍ତି। କେନ୍ଦୁଝରରୁ କିଣିଥିବା ସୁନା ବାହାର ସହରକୁ ନେଇ ବଦଳାଇଲେ ୨୨ କ୍ୟାରେଟ ସୁନା ୧୮ କ୍ୟାରେଟ ହୋଇଯାଉଛି। ତେଣୁ ଗ୍ରାହକ ସେଠାରୁ ନ ବଦଳାଇ କେନ୍ଦୁଝରରୁ ଯେଉଁ ଦୋକାନରୁ ଆଣିଥିଲେ ସେଠାରେ ବଦଳାଇବାକୁ ବାଧ୍ୟ ହେଉଛନ୍ତି ଏବଂ ପୁନର୍ବାର ଠକାମୀର ବୁଢିଆଣୀ ଜାଲ ଭିତରେ ଛନ୍ଦି ହୋଇଯାଉଛନ୍ତି। କେନ୍ଦୁଝରରେ ମାପ ଓ ଓଜନ ବିଭାଗ ପ୍ରାୟ ସ୍ଥାଣୁ ଅବସ୍ଥାରେ ଅଛି। ଫଳରେ ଓଜନରେ ଠକେଇ ଗ୍ରାହକମାନଙ୍କୁ ସହିବାକୁ ପଡୁଛି। ଅନେକ ସୁନା ଦୋକାନ ଜିଏସ୍‌ଟି ନାଁରେ ବିଲ୍ କାଟୁଥିଲେ ମଧ୍ୟ ସରକାରଙ୍କୁ ଉପଯୁକ୍ତ କର ପଇଠ କରୁନାହାଁନ୍ତି। ଅନେକ ଗ୍ରାହକ ସୁନା କିଣିବା ସମୟରେ ବିଲ ନେଉନାହାଁନ୍ତି। ଏହି ଗ୍ରାହକମାନେ ବିଲ ନେଉନଥିବାରୁ ଗ୍ରାହକ ଲାଭବାନ ହେଉଥିବାବେଳେ ନିଜ କଳା ଅର୍ଥକୁ ସୁନା କିଣି ଧଳା କରୁଛନ୍ତି। ବିନା ଜିଏସଟି ବିଲ ନେଲେ କମ୍ ବିଲ ବୋଲି କହି ସୁନା ବିକ୍ରୀ କରାଯାଉଛି। ଫଳରେ କଳା ଟଙ୍କା ରଖିଥିବା ଅନେକ ଲୋକ ବିନା ବିଲରେ ସୁନା କିଣି ଗଚ୍ଛିତ କରୁଛନ୍ତି। ଏ ସଂପର୍କରେ ଆୟକର ବିଭାଗ ମଧ୍ୟ କୌଣସି ସୂଚନା ପାଇପାରୁନାହିଁ। ମଝିରେ ମଝିରେ ରୁଟିନି ୱାର୍କ ଭଳି ଆୟକର ବିଭାଗର ବହୁ ଅଧିକାରୀ ସଂପୃକ୍ତ ସୁନା ଦୋକାନୀ ଉପରେ ଲୋକଦେଖାଣିଆ ଚଢ଼ଉ କରୁଛନ୍ତି। ଅନ୍ୟପଟରେ ସୁନା ଦୋକାନୀ ନଗଦ ଅର୍ଥରେ ବିଲ ଦିଆଯାଉ ନ ଥିବା ଅର୍ଥରେ ଅନ୍ୟ ବେପାର କରି ବେଶ ଲାଭବାନ ହେଉଛନ୍ତି। ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲ୍ଲାରେ ସରଳ ନିରୀହ ଗ୍ରାହକ ଅଧିକ ଠକାମିର ଶିକାର ହେଉଥିବାରୁ ହଲମାର୍କ ସୁନା ପ୍ରତି ଲୋକଙ୍କର ଆସ୍ଥା ତୁଟିବାରେ ଲାଗିଛି। କେନ୍ଦୁଝର ସହରର ସୁନା ଦୋକାନଗୁଡିକରେ ଚଢାଉ କରି ସୁନାର ଶୁଦ୍ଧତା ସହ ଓଜନ ମେସିନ ଯାଂଚ କଲେ ଗ୍ରାହକ ଠକାମୀରୁ ତ୍ରାହି ପାଇବେ ବୋଲି ସାଧାରଣରେ ଆଲୋଚନା ହେଉଛି।

## ଚନ୍ଦ୍ରଶେଖର ଆଜାଦ୍



ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାନ ତଥା ଲୋକପ୍ରିୟ ସ୍ୱାଧୀନତା ସଂଗ୍ରାମୀ ଥିଲେ ପଣ୍ଡିତ ଚନ୍ଦ୍ରଶେଖର ଆଜାଦ୍। ସେ ରାମପ୍ରସାଦ ବିସ୍‌ମିଲ୍, ସର୍ଦ୍ଦାର ଭଗତ ସିଂହଙ୍କ ଘନିଷ୍ଠ ସହଯୋଗୀ ଥିଲେ। ୧୯୨୨ରେ ମହାତ୍ମା ଗାନ୍ଧୀ ଅସହଯୋଗ ଆନ୍ଦୋଳନ ବନ୍ଦ କରିଦେବା ପରେ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ବିଚାରଧାରାରେ ପରିବର୍ତ୍ତନ ଘଟିଥିଲା। ସେ କ୍ରାନ୍ତିକାରୀ ଗତିବିଧି ସହ ଜଡ଼ିତ ରହି ହିନ୍ଦୁସ୍ଥାନ ରିପବ୍ଲିକାନ୍ ଆସୋସିଏସନ୍ ସଂଗଠନର ସକ୍ରିୟ ସଦସ୍ୟ ଭାବେ ଆନ୍ଦୋଳନରେ ଝାସ ଦେଇଥିଲେ। ଏହି ସଂଗଠନ ଅଧୀନରେ ସେ ରାମପ୍ରସାଦ ବିସ୍‌ମିଲ୍‌ଙ୍କ ନେତୃତ୍ୱରେ ଇଂରେଜ ସରକାର ବିରୋଧରେ କାକୋରୀ ଗୁଳିକାଣ୍ଡକୁ ଚୂଡ଼ାନ୍ତ ରୂପରେଖ ଦେଇ ଫେରାର ହୋଇଥିଲେ। କାକୋରୀ କାଣ୍ଡ ଅଭିଯୋଗରେ ଅନ୍ୟ ୪ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ପରେ ସେ ପରାଧୀନ ଭାରତର ସମସ୍ତ କ୍ରାନ୍ତିକାରୀ ସଂଗଠନକୁ ମିଶାଇ ହିନ୍ଦୁସ୍ଥାନ ସୋସିଆଲିଷ୍ଟ ରିପବ୍ଲିକାନ୍ ଆସୋସିଏସନ୍ ଗଠନ କରି ଇଂରେଜ ସରକାର ବିରୋଧରେ ଲଢ଼ିବାକୁ ବଜ୍ରଶପଥ ନେଇଥିଲେ। ଇଂରେଜ ଅଧିକାରୀ ସଣ୍ଡର୍ସଙ୍କୁ ହତ୍ୟା ଏବଂ ଦିଲ୍ଲୀ ଆସେମ୍ବ୍ଲି ବୋମାମାଡ଼ ଘଟଣାରେ ୩ ଅଭିଯୁକ୍ତ ଭଗତ ସିଂ, ସୁଖଦେବ ଓ ରାଜଗୁରୁଙ୍କ ମୁକ୍ତି ପାଇଁ ପ୍ରୟାସ କରୁଥିବା ଚନ୍ଦ୍ରଶେଖର ଆଜାଦ୍ ୧୯୩୧ ଫେବୃଆରୀ ୨୭ ତାରିଖରେ ନେହରୁଙ୍କୁ ଭେଟିବା ଲାଗି ତାଙ୍କ ବାସଭବନ ଆନନ୍ଦ ଭବନ ଯାଇ ଫେରୁଥିବାବେଳେ ବାଟରେ ଇଂରେଜ ସେନାଙ୍କ ସହ ମୁହାଁମୁହିଁ ହୋଇଥିଲେ। ସେଇଠି ପ୍ରବଳ ଗୁଳିଗୋଳା ବର୍ଷଣ ହୋଇଥିଲା। ଏଥିରେ ଭାରତମାଟିର ବୀରପୁତ୍ର ଚନ୍ଦ୍ରଶେଖର ଆଜାଦ୍ ସହୀଦ୍ ହୋଇଯାଇଥିଲେ। ଆଜାଦ୍ ୨୩ ଜୁଲାଇ, ୧୯୦୬ରେ ମଧ୍ୟପ୍ରଦେଶର ଅଲ୍ଲିରାଜପୁର ଜିଲ୍ଲା ଅନ୍ତର୍ଗତ ଭାୱାରା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ମାତ୍ର ୧୫ ବର୍ଷ ବୟସରେ ସେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ।

**ଡଃ. ଅରୁନ୍ଧତୀ ଦେବୀ,**
**ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର,**
**ଦୂରଭାଷ : ୯୯୩୭୧୭୨୮୧୦**

## ଅମୃତ ଅନୁଭବ ପଥେ...



ତାଙ୍କ ଜୀବନ ଥିଲା ଅତି ସରଳ, ନିଷ୍କପଟ ତଥା ନିରାଡ଼ମ୍ବର କିନ୍ତୁ ଦକ୍ଷତାପୂର୍ଣ୍ଣ। ନିଜ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନଙ୍କଠାରୁ ଆରମ୍ଭ କରି ଅଧସ୍ତନ କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପ୍ରିୟପାତ୍ର ହେବା ସଙ୍ଗେ ସଙ୍ଗେ ବିଭାଗର ସ୍ୱାର୍ଥରକ୍ଷା ଲାଗି ଏକ ସୁଦୃଢ଼ ସ୍ତମ୍ଭ ଭାବେ ଦଣ୍ଡାୟମାନ ହୋଇଥିଲେ। ମୂଳତଃ ଜଣେ ମେକାନିକାଲ ଇଞ୍ଜିନିୟର ହୋଇ ମଧ ସେ ସିଭିଲ୍ ଡିଭିଜନଗୁଡ଼ିକୁ ବୁଦ୍ଧିମତା ସହିତ ଚଳାଇ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ରାଜନୈତିକ ନେତାମାନଙ୍କର ପ୍ରଶଂସାର ପାତ୍ର ହୋଇପାରିଥିଲେ। କେନ୍ଦୁଝର ଜିଲ୍ଲାର ଚାଷୀବୃନ୍ଦ କି ଉପକାର ପାଇଥିଲେ କେଜାଣି ଦଳ ଦଳ ହୋଇ ଆସି ଅଫିସରେ ପହଞ୍ଚି କୃତଜ୍ଞତା ଜ୍ଞାପନ କରିବା ସହିତ ନିଜର ସନ୍ତୋଷ ବ୍ୟକ୍ତ କରୁଥିଲେ। ବ୍ୟାସନଗରରେ ଶ୍ରୀସତ୍ୟସାଇ ସଙ୍ଗଠନର ପ୍ରାର୍ଥନା ଗୃହ ସ୍ଥାନୀୟ ଭକ୍ତମାନଙ୍କ ସହାୟତାରେ ନିର୍ମାଣ କରି ସେଠାକାର ସାଇଭକ୍ତମାନଙ୍କ ସନ୍ତୋଷ ବିଧାନ ସହିତ ଭଗବାନଙ୍କ ଅଶେଷ କୃପା ଅର୍ଜନ କରିଥିଲେ।

ସେ ଭଗବାନ ଶ୍ରୀ ସତ୍ୟସାଇଙ୍କର ଜଣେ ଏକନିଷ୍ଠ ଭକ୍ତ ଥିଲେ, ଯାହାର ଏକ ସବିଶେଷ ଲକ୍ଷଣ ତାଙ୍କଠାରେ ପରିଲକ୍ଷିତ ହେଉଥିଲା। ତାହା ହେଉଛି 'ସୁଖେ ଦୁଃଖେ ସଦାସ୍ଥିର' ରହିବା। କୌଣସି ପରିସ୍ଥିତିରେ ସେ ଉଦ୍‌ବିଗ୍ନ ହୋଇପଡୁ ନଥିଲେ ବା ଖୁସିରେ ଉତ୍‌ଫୁଲ୍ଲିତ ହୋଇପଡୁ ନଥିଲେ। ଚାକିରୀ ଜୀବନର ବିଭିନ୍ନ ମୋଡ଼ରେ ନାନା ଉତ୍‌ଥାନ ପତନ ଦେଇ ଗତି କରି ମଧ ସଦାସର୍ବଦା ସ୍ଥିତପ୍ରଜ୍ଞ ଭଳି ଜୀବନଯାପନ କରୁଥିଲେ। ତାଙ୍କର ଗ୍ରାମ୍ୟ ସମ୍ପତ୍ତି ବେଶ ସ୍ୱଚ୍ଛଳ ଥିଲା ଏବଂ ସଂଯମୀ ଜୀବନ ବିତାଉଥିଲେ ବୋଲି ଆର୍ଥିକ ଅନାଟନ ଦେଖା ଦେଉ ନ ଥିଲା। କିନ୍ତୁ ବାହାରୁ ତାହା ଆଦୌ ଜଣାପଡୁ ନ ଥିଲା, କାରଣ ତାଙ୍କଠାରେ ଦେଖେଇ ହେବା ଗୁଣଟିର ଘୋର ଅଭାବ ଥିଲା। ଖାଦ୍ୟପଦାର୍ଥ ବା ବେଶପୋଷାକରେ ସେ ତାଙ୍କ ବାଲ୍ୟାବସ୍ଥାରେ ଯେଉଁଭଳି ସନ୍ତୁଷ୍ଟ ଥିଲେ, ପରିଣତ ବୟସରେ, ସମାଜର ଜଣେ ପ୍ରତିଷ୍ଠିତ ପଦବୀଧାରୀ ହୋଇ ମଧ ସେହିଭଳି ସରଳ ଓ ସନ୍ତୁଷ୍ଟ ଥିଲେ। ବଦଳି ଚାକିରୀରେ ସେ ଯେତେ ଆଡ଼େ ଯାଇଛନ୍ତି, ସମସ୍ତ ସ୍ଥାନରେ ଆଦର ସମ୍ମାନ ଲାଭ କରିଛନ୍ତି। ଏହା ତାଙ୍କ ସରକାରୀ ପଦବୀ ପାଇଁ ନୁହେଁ, ବରଂ ନିଜର ସମ୍ଭ୍ରାନ୍ତ ସଂସ୍କାରସମ୍ପନ୍ନ ପ୍ରାରବ୍ଧ ପାଇଁ।

୧୯୩୨ ମସିହାରେ ଜଗତ୍‌ସିଂହପୁର ଅଲଣାହାଟ ନିକଟସ୍ଥ କାଂସକଞ୍ଚାପଡ଼ା ଗ୍ରାମରେ ପିତା କେଶବ ଚନ୍ଦ୍ର ପଟ୍ଟନାୟକ ଓ ମାତା ଲାବଣ୍ୟଦେବୀଙ୍କ କୋଳମଣ୍ଡନ କରି କୁଳ ଉଜ୍ଜ୍ୱଳ କରିଥିଲେ ସ୍ୱର୍ଗତଃ ଚକ୍ରଧର ପଟ୍ଟନାୟକ। ଶିକ୍ଷା ସମାପ୍ତି ପରେ ଉଠାଜଳସେଚନ ବିଭାଗରେ କର୍ମମୟ ଜୀବନ ଅତିବାହିତ କରି ୧୯୯୦ରେ ଅବସର ଗ୍ରହଣ ପରେ ସମାଜରେ ସେବା ଓ ଭକ୍ତିମୂଳକ କର୍ମରେ ନିୟୋଜିତ ଥାଇ ୧୯-୦୧-୨୦ରେ ପରଲୋକ ଗମନ କଲେ। ତାଙ୍କ ପାଇଁ ତାଙ୍କ ଆତ୍ମଜମାନେ କ୍ରିୟାକର୍ମ ଅବଶ୍ୟ କରୁଛନ୍ତି, କିନ୍ତୁ ତାଙ୍କ ସ୍ୱକର୍ମ ଅର୍ଜିତ ପୁଣ୍ୟ ତାଙ୍କୁ ନିଶ୍ଚିତ ଭାବେ ଉପଯୁକ୍ତ ଲୋକରେ ଦେବତାମାନଙ୍କ ସହ ଆନନ୍ଦ ଆହରଣ ପୂର୍ବକ ସ୍ୱର୍ଗୀୟ ଜୀବନ ପ୍ରଦାନ କରିବ, ଏହା ନିଃସନ୍ଦେହ। ବୃଥା କଥାରେ ମାତିବାରେ ତାଙ୍କୁ କେବେ କେହି ଦେଖିନାହିଁ। ଆବଶ୍ୟକସ୍ଥଳେ କେହି ପରାମର୍ଶ ମାଗିଲେ ସେ ଅତି ସୁଚିନ୍ତିତ ଏବଂ ଉପାଦେୟ ମନ୍ତବ୍ୟ ତଥା ଉପଦେଶ ଦେଉଥିଲେ। ଏହିଦୃଷ୍ଟିରୁ ଲୋକମାନଙ୍କ ଆଖିରେ ତାଙ୍କର ସ୍ଥାନ ଥିଲା ସ୍ୱତନ୍ତ୍ର। ତାଙ୍କ ଗ୍ରାମବାସୀମାନେ ତାଙ୍କ ଦେହାନ୍ତରେ ସର୍ବାଧିକ ମର୍ମାହତ ହୋଇପଡ଼ିଲେ ଏବଂ କଥାବାର୍ତ୍ତା ହେଲେ ଯେ 'ଆମ ପେଟ ଆଉ କିଏ ବୁଝିବ? ସେ ତ ଥିଲା ସାକ୍ଷାତ ଅନ୍ନପୂର୍ଣ୍ଣା'। ତାଙ୍କ ସ୍ୱର୍ଗତଃ ଆତ୍ମା ନିକଟରେ ଏତିକି ପ୍ରାର୍ଥନା ଯେ ସେ ଅମରାପୁରୀରୁ ତାଙ୍କ ପୁତ୍ରକନ୍ୟାମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ, ଯାହା ସାହାଯ୍ୟରେ ସେମାନେ ପିତାଙ୍କ ବିୟୋଗଜନିତ ଶୋକ ଏବଂ ବେଦନା ସହ୍ୟ କରିପାରିବେ।

**ଇଂ. ସଚ୍ଚିଦାନନ୍ଦ ନନ୍ଦ,** ଅଲିଶା ବଜାର, କଟକ, ଦୂରଭାଷ: ୯୪୩୭୫୧୧୨୩୦

## ଆର୍‌ଜିଏଚ୍ ପରିସରରୁ ବେଆଇନ୍ ଗଛକଟା ପ୍ରସଙ୍ଗରେ କଂଗ୍ରେସର ଅସନ୍ତୋଷ

ରାଉରକେଲା (ପିଏନ୍): ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ପରିସରରୁ ଗତ ଡିସେମ୍ବର ମାସ ପ୍ରଥମ ସପ୍ତାହରେ ବେଆଇନ୍ ଭାବେ କଟାଯାଇଥିବା ୨୦ଟି ମୂଲ୍ୟବାନ ଗଛକଟା ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଳମ୍ବ ନେଇ କଂଗ୍ରେସ ତରଫରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଛି। ଗତ ୨୫ ତାରିଖରେ ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ବୀରମିତ୍ରପୁରର ବିଧାୟକ ଶ୍ରୀ ଜର୍ଜ ତିର୍କୀଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧିଦଳ ପୁନଶ୍ଚ ପାନପୋଷ ସ୍ଥିତ ବନଖଣ୍ଡଙ୍କ କାର୍ଯ୍ୟାଳୟରେ ପହଞ୍ଚି ବେଆଇନ୍ ଗଛକଟା ଘଟଣାରେ ସମ୍ପୃକ୍ତ ପାନପୋଷ ରେଂଜର ଓ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେଥିନେଇ ଜାଣିବାକୁ ଚାହିଁଥିଲେ। ବନଖଣ୍ଡ ଅଧିକାରୀ ଶ୍ରୀ ସଂଜୟ ସ୍ୱାଇଁ ସମ୍ପ୍ରତି ଏକ ଟ୍ରେନିଂ ପ୍ରୋଗ୍ରାମରେ ସୁଦୂର ଗୋଆରେ ଥିବାରୁ ତାଙ୍କ ଦାୟିତ୍ୱରେ ଥିବା ସହକାରୀ ବନସଂରକ୍ଷକ ଦିଲ୍ଲୀପ ସାହୁ ପ୍ରତିନିଧି ଦଳ ସହିତ ଆଲୋଚନା କରି ଘଟଣା ସମ୍ପର୍କରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ପ୍ରତିନିଧି ଦଳର ଆଗମନ ଓ ଦାବି ସମ୍ପର୍କରେ ବନଖଣ୍ଡ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ତେବେ ଗୋଆରେ ଥିବା ବନଖଣ୍ଡ ଅଧିକାରୀ ଶ୍ରୀ ସ୍ୱାଇଁ ରାଉରକେଲା ଫେରିବା ପରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୋବାଇଲ୍ ଯୋଗେ ସୂଚନା ଦେବା ସହିତ ଅନ୍ତତଃ ପକ୍ଷେ ଆଉ ଏକ ସପ୍ତାହ ଅପେକ୍ଷା କରିବା ପାଇଁ ଅନୁରୋଧ କରିଥିଲେ। ଯଦି ପ୍ରତିଶ୍ରୁତି ମୁତାବକ ଆସନ୍ତା ୭ ଦିନ ମଧରେ ଏହି ବେଆଇନ୍ ଗଛକଟା ଘଟଣାରେ ସମ୍ପୃକ୍ତ ରେଂଜରଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ କଂଗ୍ରେସ ପୁନଃ ଆନ୍ଦୋଳନ ଆରମ୍ଭ କରିବ ବୋଲି ଶ୍ରୀ ତିର୍କୀ ଏହି ଅବସରରେ ଚେତାବନୀ ଦେଇଥିଲେ। ଆହୁରି ମଧ ଗତ କିଛିମାସ ତଳେ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରୁ କଟାଯାଇଥିବା ପ୍ରାୟ ଶତାଧିକ ବୃକ୍ଷ ବାବଦରେ କଂଗ୍ରେସ ନେତୃବୃନ୍ଦ ବିଭାଗୀୟ ଅଧିକାରୀଙ୍କଠାରୁ ବିଶଦ ଭାବେ ଜାଣିବାକୁ ଚାହିଁଥିଲେ। ଏହି ଗଛଗୁଡିକୁ କାଟିବା ପାଇଁ ଜଙ୍ଗଲ ବିଭାଗ କେବେ ଅନୁମତି ଦେଇଥିଲା ଓ ଗଛ କାଟିବାର କ'ଣ ଆବଶ୍ୟକତା ଥିଲା ଏବଂ ସମ୍ପୃକ୍ତ ଗଛଗୁଡିକ କଟାଯିବା ପରେ କୁଆଡେ ଗଲା, ସେହି ଗଛକଟାରୁ କେତେ ରାଜସ୍ୱ ମିଳିଲା ଇତ୍ୟାଦି ଜାଣିବାକୁ ଚାହିଁବାରୁ ଏହି ଗଛକଟା ସମ୍ପର୍କରେ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ କୌଣସି ସୂଚନା ନଥିବା ଜଣାପଡିଥିଲା। ତେଣୁ ପ୍ରାୟ ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ଏହି ମୂଲ୍ୟବାନ ଗଛଗୁଡିକ କିଏ କେଉଁ ପରିସ୍ଥିତିରେ କାଟିଲା ଓ ସେହି ଗଛଗୁଡିକ କୁଆଡେ ଗଲା ସେ ସମ୍ପର୍କରେ ଆବଶ୍ୟକୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଂଗ୍ରେସ ନେତୃବୃନ୍ଦ ଦାବି କରିଥିଲେ। ତେବେ ଗତ ୨୦୧୭ ମସିହାରେ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ କର୍ତ୍ତୃପକ୍ଷ କିଛି ଗଛ କାଟିବା ପାଇଁ ଅନୁମତି ମାଗିଥିଲେ ଏବଂ ସେଥିପାଇଁ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଅନୁମତି ଦେବା ସହିତ ସେ ଗଛଗୁଡିକ ସେତେବେଳେ କଟାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଗଛକଟା ଅନୁମତି ପାଇଁ କୌଣସି ଆବେଦନ କରିନାହାନ୍ତି ବୋଲି ଦାୟିତ୍ୱରେ ଥିବା ସହକାରୀ ବନଖଣ୍ଡ ଅଧିକାରୀ ପ୍ରକାଶ କରିବା ସହିତ ଏ ନେଇ ଆବଶ୍ୟକୀୟ ତଦନ୍ତ କରାଯିବ ବୋଲି କହିଥିଲେ। ଏହି ପ୍ରତିନିଧିଦଳରେ ଶ୍ରୀ ତିର୍କୀଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ବିରେନ ସେନାପତି, ବିଜୟ ଆପଟ୍ଟ, ସେବାଦଳ ଅଧକ୍ଷ ବିନୋଦ ରାଉତ, ଫିସରମ୍ୟାନ କଂଗ୍ରେସ ଅଧକ୍ଷ ସିଦ୍ଧେଶ୍ୱର ମଲ୍ଲିକ, ଜିଲ୍ଲା କଂଗ୍ରେସର ପୂର୍ବତନ କର୍ମକର୍ତ୍ତା ସରୋଜ ମହାନ୍ତି, ସୁଧୀର ନାଥ, ମୋଚ୍ଛୁ ସାହୁ, ଜିତେନ୍ଦ୍ର ଦାସ, ରତିକାନ୍ତ ମଲ୍ଲିକ, ଲୋକନାଥ ଭୂମିଜ, ଯୁବନେତା ଜ୍ଞାନେନ୍ଦ୍ର ଦାସ, ବିଶ୍ୱଜିତ ସାହୁ, ଶୈଳେଶ ତିୱାରୀ, ଅସଲାମ ପରଭେଜ, ରତିରଂଜନ କର, ବିଶ୍ୱଭୂଷଣ ସର, ବାବୁ ଖାନ, ବିଜୟ ଗୁପ୍ତା ଓ ସୋନୁ ଖାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ନିଆରା ପ୍ରୟାସ: ରକ୍ତଦାନ କରି ଆରମ୍ଭ କଲେ ବୈବାହିକ ଜୀବନ

ଭୁବନେଶ୍ୱର (ପିଏନ୍): ବିବାହ ଉତ୍ସବକୁ ଜାକଜମକରେ ପାଳନ କରିବାକୁ କେହି କେହି ହୋଟେଲରେ ପାର୍ଟି ଦେଉଥିବା ବେଳେ ଆଉ କେହି କେହି ଦାମିକା ଖାଦ୍ୟ ସହିତ ନାଚଗୀତର ବ୍ୟବସ୍ଥା କରିଥା'ନ୍ତି। ହେଲେ ଏ ସବୁର ବ୍ୟତିକ୍ରମ ଘଟାଇ ଯୁବ ସମାଜସେବୀ ବିକ୍ରମ ନାୟକ ଓ ମନସ୍ୱିନୀ ପରିଡ଼ା ବିବାହ ଉତ୍ସବକୁ ଏକ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଗତ ରବିବାର ଦିନ ଭୁବନେଶ୍ୱର ରାଜଧାନୀ ରକ୍ତଭଣ୍ଡାର ପରିସରରେ ଉଭୟ ନବଦମ୍ପତ୍ତି ରକ୍ତଦାନ କରି ନିଜର ବୈବାହିକ ଜୀବନ ଆରମ୍ଭ କରିବା ସହିତ ଭୋଜିକୁ ଆସିଥିବା ଅତିଥିମାନଙ୍କୁ ଗଛଚାରା ବାଣ୍ଟିଥିଲେ ଏବଂ ନିଶାମୁକ୍ତିର ବାର୍ତ୍ତା ପ୍ରଦାନ କରିଥିଲେ। ଏହିଭଳି ଏକ ମହତ୍ ଉଦ୍ଦେଶ୍ୟରେ ନିଜର ବୈବାହିକ ଜୀବନ ଆରମ୍ଭ କରିଥିବାରୁ ଉପସ୍ଥିତ ଅତିଥିମାନେ ଉଭୟଙ୍କୁ ପ୍ରଶଂସା କରିବା ସହିତ ସାଧୁବାଦ ଜଣାଇଥିଲେ। ସମାଜସେବାରେ ଉତ୍ସର୍ଗୀକୃତ ବିକ୍ରମ ଓ ମନସ୍ୱିନୀ ଦୀର୍ଘ ୧୫ ବର୍ଷ ଧରି ବିଭିନ୍ନ ସାମାଜିକ କାର୍ଯ୍ୟରେ ସାମିଲ୍ ହୋଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇ ପାରିଛନ୍ତି। ଏହିଭଳି ମହତ୍ କାର୍ଯ୍ୟରେ ଚିତ୍ତରଞ୍ଜନ ମହାନ୍ତି, କୃପାସିନ୍ଧୁ ପ୍ରଧାନ, ରାଜନାରାୟଣ ଜେନା, ଦେବାଶିଷ ଦାସ, ସୁପ୍ରିୟା ମହାପାତ୍ର, ନିରଞ୍ଜନ ପଟ୍ଟନାୟକ, ଧୀରେନ ଠାକୁର, ସତ୍ୟବ୍ରତ ଜେନା, ହରପ୍ରସାଦ ମହାପାତ୍ର ଏବଂ ବହୁ ବ୍ୟକ୍ତିବିଶେଷ ସହଯୋଗ କରିଥିଲେ।

## କାଏମା ରାସ୍ତାରେ ମାତ୍ରାଧିକ ହମ୍ପସ୍ ନିର୍ମାଣ, ଦୁର୍ଘଟଣା ବୃଦ୍ଧି

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଶାନ୍ତିବଜାର-କାଏମା ରାସ୍ତାର ବିଭିନ୍ନ ସ୍ଥାନରେ ମାତ୍ରାଧିକ ହମ୍ପସ୍ ନିର୍ମାଣକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। କିଏ ଦୋକାନଟିଏ କରୁ କିମ୍ବା ପେଟ୍ରୋଲ୍ ପମ୍ପ୍ କଲେ ସଙ୍ଗେ ସଙ୍ଗେ ସମ୍ମୁଖ ରାସ୍ତାରେ ଏକାଧିକ ହମ୍ପସ୍ ତିଆରି କରିଦେଉଛି। ହମ୍ପସ୍ ନିର୍ମାଣରେ କୌଣସି ପ୍ରଶାସନିକ କଟକଣା ନଥିବାରୁ ଯିଏ ଯେଉଁଠି ପାରିଲା ମନଇଚ୍ଛା ହମ୍ପସ୍ ନିର୍ମାଣ କରୁଛି। ଏପରିକି ନିୟମ ଅନୁସାରେ ହମ୍ପସ୍‌ଗୁଡିକୁ ଅଳ୍ପ ଉଚ୍ଚତା ବଦଳରେ ଅଧିକ ଉଚ୍ଚ,ସମତଳ ବଦଳରେ ମସୃଣ ଏବଂ କେତେକ ସ୍ଥାନରେ କଂକ୍ରିଟ୍ ଚିପ୍‌ସ ଉପରକୁ ବାହାରିଛି। ଯାହାକି ସାଇକଲ୍, ବାଇକ୍ ଆଦି ଗାଡିମଟରଗୁଡିକର ଟାୟାର କାଟି ଦେଉଛି। ଅନେକ ସମୟରେ ଆଗରେ ହମ୍ପସ୍ ଅଛି ବୋଲି ଜାଣି ନ ପାରି ବାଇକ୍ ଚାଳକ ହଠାତ୍ ବ୍ରେକ୍ ମାରି ଦେଉଥିବାରୁ ଭାରସାମ୍ୟ ହରାଇ ସେ ଦୁର୍ଘଟଣାର ଶିକାର ହେଉଛି। ବେଳେବେଳେ ଏଭଳି ଦୁର୍ଘଟଣାରେ ମୃତାହତ ହେଉଛନ୍ତି ଏକାଧିକ ବାଇକ୍ ଆରୋହୀ। ବାରମ୍ବାର ଏଭଳି ଅଭାବନୀୟ ଘଟଣା ଘଟୁଥିଲେ ମଧ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ଉଠିଛି। ନିକଟରେ କାଏମା ବଜାରରେ ଅତି କମ୍ ବ୍ୟବଧାନ ମଧରେ ପୁଣି ୪ଟି ହମ୍ପସ୍ ତିଆରି କରାଯାଇଛି। ଯାହାକି ଭବିଷ୍ୟତରେ ଅନେକ ଦୁର୍ଘଟଣା ଘଟାଇବା ସମ୍ଭାବନା ସୃଷ୍ଟି କରିଛି। ଏଥିନେଇ ଅଞ୍ଚଳବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ବେଆଇନ ହମ୍ପସ୍ ନିର୍ମାଣକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି କାଏମା ବନ୍ଧଛକଠାରୁ ଉତ୍ତର ପ୍ରତାପ ଓ ଦେଓଦା ପଞ୍ଚାୟତ ଦେଇ ବ୍ରହ୍ମବରଦା ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ବହୁ ହମ୍ପସ୍ ଥିବାରୁ ଯାତାୟାତରେ ସ୍ଥାନୀୟ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ବେଆଇନ ଭାବେ ନିର୍ମିତ ହମ୍ପସ୍‌ଗୁଡିକୁ ହଟାଇଦେବା ସହ ଭବିଷ୍ୟତରେ ଯେପରି ଏସବୁ ସ୍ଥାନରେ ପୁନଃ ହମ୍ପସ୍ ନ ହୁଏ ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦୃଢ ଦାବି କରାଯାଇଛି।

### ବରିଷ୍ଠ ସାମ୍ବାଦିକଙ୍କ ବିୟୋଗରେ ଶୋକପ୍ରକାଶ

ବ୍ରହ୍ମପୁର (ପିଏନ୍): ସମ୍ବଲପୁରର ବରିଷ୍ଠ ସାମ୍ବାଦିକ ତଥା ଦୈନିକ କୋଶଳର ସମ୍ପାଦକ ତ୍ରିବିକ୍ରମ ତ୍ରିପାଠୀଙ୍କ ବିୟୋଗରେ ଏନୟୁଜେର ଜାତୀୟ ସଂଗଠନ ସମ୍ପାଦକ ରବି ରଥ ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତଃ ତ୍ରିପାଠୀ ସମଗ୍ର ଜୀବନ ସାମ୍ବାଦିକମାନଙ୍କ ମୌଳିକ ଅଧିକାର ଓ ସୁରକ୍ଷା ପାଇଁ ପ୍ରୟାସ ଜାରି ରଖିଥିଲେ। ତାଙ୍କରି ବିୟୋଗ ଓଡ଼ିଆ ସାମ୍ବାଦିକତା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଶ୍ରୀ ରଥ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

### ଦୁର୍ଘଟଣାରେ ମିନିଟ୍ରକ୍ ଚାଳକ ଗୁରୁତର

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥର ଓସରା ଛକ ନିକଟରେ ଗତକାଲି ଅପରାହ୍ନରେ ମିନିଟ୍ରକ ଓ ଟ୍ରକ ମଧରେ ଧକ୍କା ହୋଇଥିଲା। ଫଳରେ ଭାରସାମ୍ୟ ହରାଇ ଟ୍ରକ୍ ଦୁଇଟି ରାସ୍ତାପାର୍ଶ୍ୱରେ ଥିବା ପାଣିଖାଲକୁ ଗଡିଯାଇଥିଲେ। ଏଥିରେ ମିନିଟ୍ରକ ଚାଳକ ପଲାସିଆ ଗ୍ରାମର ଭରତ ମଲିକ (୩୫) ଆହତ ହୋଇଥିଲେ। ଖବର ପାଇ ଧର୍ମଶାଳା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଭରତଙ୍କୁ ନେଇ ବଡଚଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଭରତଙ୍କୁ କଟକ ବଡମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

କୋରେଇ: ଗୋଳେଇପୁର ପଂଚାୟତ ଅନ୍ତର୍ଗତ ସୋଡି ଗ୍ରାମରେ ପୂର୍ବ ରାଗକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଗ୍ରାମର କିଛି ଯୁବକ ସଂଘବଦ୍ଧ ଭାବେ ନିସ୍ଥୁକ ମାଡ଼ ମାରିବାର ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନାନୁସାରେ ଗ୍ରାମର ଗୌରାଙ୍ଗ ନାୟକଙ୍କ ପୁଅ ଅନନ୍ତ ଗୋପାଳ ସହିତ ଗ୍ରାମର ନୀଳମଣୀ ଦାସଙ୍କ ପୁଅ ଜଗା, ନିର ଜେନାଙ୍କ ପୁଅ ସନ୍ତୋଷ, ନିରାକାର ଜେନାଙ୍କ ପୁଅ ମଣିଆ ଓ ମୁକ୍ତା ଦାସଙ୍କ ପୁଅ ନାଲୁଆ ସହିତ କୌଣସି କାରଣକୁ ନେଇ କିଛି ଦିନ ପୂର୍ବେ ଗଣ୍ଡଗୋଳ ହୋଇଥିଲା। ତେବେ ଅନନ୍ତ ସୋମବାର ଦିନ ଅପରାହ୍ନରେ ବାଇକରେ ବଜାରରୁ ଫେରୁଥିବାବେଳେ ଉକ୍ତ ଯୁବକ ମାନେ ପୂର୍ବ କଥାକୁ ନେଇ ଅନନ୍ତ ସହିତ ଯୁକ୍ତିତର୍କ କରିଥିଲେ।

## ଏନସିଇଆରଟି ବହି ଲାଗୁ ନହେଲେ ମାର୍ଚ୍ଚ ୨ରୁ ଆମରଣ ଅନଶନ କରିବ ଓଡ଼ିଶା ଅଭିଭାବକ ମହାସଂଘ

ଭୁବନେଶ୍ୱର:ନୂତନ ଶିକ୍ଷାବର୍ଷ ଆଉ ଅଳ୍ପଦିନ ପରେ ଆରମ୍ଭ ହୋଇଯିବ। କିଛି ପ୍ରାଇଭେଟ ସ୍କୁଲ୍ ମଧ ଆଗୁଆ ପରୀକ୍ଷା କରାଇ ନିଜର ପିଲାମାନଙ୍କୁ ଆସନ୍ତା ବର୍ଷ ପାଇଁ ପ୍ରାଇଭେଟ ପବ୍ଲିକେଶନରେ ବହି କିଣିବା ପାଇଁ ଅଭିଭାବକମାନଙ୍କୁ ଚିଠି ପଠାଇ ସାରିଲେଣି। ଏନ୍‌ସିଇଆରଟିଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ଇଂରାଜୀ ମାଧ୍ୟମିକ ସ୍କୁଲ୍ ଏନସିଇଆରଟି ପୁସ୍ତକ ଲାଗୁ କରିବା ପାଇଁ ବାଧ୍ୟତାମୂଳକ। ଏ ସଂକ୍ରାନ୍ତରେ ମାନବ ସମ୍ବଳ ବିକାଶ ବିଭାଗ ଓ ଘ.ଉ.ଚ.ଉ.ଜ ମଧ ବହୁବାର ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇ ସାରିଛନ୍ତି। କିନ୍ତୁ ପ୍ରାଇଭେଟ ସ୍କୁଲମାନେ ଏହାକୁ ଆଦୌ ମାନୁନାହାଁନ୍ତି। ପ୍ରାଇଭେଟ ସ୍କୁଲ ଓ ପ୍ରାଇଭେଟ ପବ୍ଲିକେଶନ ମଧ୍ୟରେ ଏକ ବିରାଟ ମଧୁଚନ୍ଦ୍ରିକା ରହିଛି। ଏ ସଂକ୍ରାନ୍ତରେ ଏକ ଦସ୍ତାବିଜ୍ ମଧ ହସ୍ତଗତ ହୋଇଛି। ଓଡ଼ିଶାର ଆଇସିଏସଇ ସ୍କୁଲ୍ ସଂଗଠନ ଓ ଓରିଏଂଟ ବ୍ଲାକ ମାମ ପବ୍ଲିକେଶନ ସଂସ୍ଥା ମଧ୍ୟରେ ଏହି ଦସ୍ତାବିଜ ୪୫% କମିଶନ ନେଇ ଚୁକ୍ତି ରହିଛି। ଯାହାଫଳରେ ଅଭିଭାବକମାନଙ୍କୁ ଯଥେଷ୍ଟ ଆର୍ଥିକ ବୋଝ ପଡ଼ିବା ସହିତ ପିଲାମାନଙ୍କୁ ଅଯଥା ବସ୍ତାନି ବୋଝ ବୋହିବାକୁ ପଡୁଛି। ଏନସିଇଆରଟି ବହି ଲାଗୁ ହେଲେ ଏହି ଗୋଲକ ଧନ୍ଦାର ପୂର୍ଣ୍ଣଛେଦ ପଡ଼ିବା ସହିତ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଅଯଥା ହଇରାଣରୁ କ୍ଷାନ୍ତ ହେବେ। ସରକାର ମଧ ବହୁବାର ଜିଲ୍ଲାପାଳ, ଡ଼ି.ଇ.ଓ. ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ପ୍ରାଇଭେଟ ସ୍କୁଲ୍ ଓ ପ୍ରାଇଭେଟ ପବ୍ଲିକେଶନ ମୁଖ୍ୟମାନଙ୍କ ସହିତ ଅଧିକାରୀ ମାନଙ୍କର ଭିତିରି ସମ୍ପର୍କ ରହିଥିବାରୁ ଏହା ସଫଳ ହୋଇପାରୁ ନାହିଁ। ଗତ ୨୪ ତାରିଖ ଦିନ ମହାସଂଘର ଅଧ୍ୟକ୍ଷ ଶ୍ରୀ ବାସୁଦେବ ଭଟ୍ଟ, ସହ-ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, କୋଷାଧ୍ୟକ୍ଷ ଦେବାଶିଷ ବସନ୍ତିଆ ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ ତ୍ରିପାଠୀଙ୍କୁ ଭେଟିବା ପରେ ଶ୍ରୀ ତ୍ରିପାଠୀ ଏହାକୁ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଜିଲ୍ଲାପାଳମାନଙ୍କୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେବେ ବୋଲି କହିଥିଲେ। ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ନିର୍ଦ୍ଦେଶ ନଦେଲେ ସ୍କୁଲ୍ କର୍ତ୍ତୃପକ୍ଷ ମଧ ପ୍ରତିବର୍ଷ ଭଳି ଏବର୍ଷ ବହି ବିକିଦେବେ ବୋଲି ମହାସଂଘର ଅଧ୍ୟକ୍ଷ ଶ୍ରୀ ବାସୁଦେବ ଭଟ୍ଟ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିବା ସହିତ ଯଦି ସରକାର ଏହି ନିର୍ଦ୍ଦେଶକୁ ଆସନ୍ତା ୭ ଦିନ ଭିତରେ କାର୍ଯ୍ୟକାରୀ ନକରନ୍ତି, ତେବେ ଆସନ୍ତା ଦୁଇ ତାରିଖ ଦିନ ଗଣଶିକ୍ଷା ସଚିବଙ୍କ ବାସଭବନ ଆଗରେ ଆମରଣ ଅନଶନ କରିବ ବୋଲି ଘୋଷଣା କରିଛନ୍ତି। ଆଜି ସାମ୍ବାଦିକ ସମ୍ମିଳନୀରେ ସାଧାରଣ ସମ୍ପାଦକ ଅଶୋକ ପାଇକରାୟ, ସହ ଅଧ୍ୟକ୍ଷ ଭୂମୋହନ ପଟ୍ଟନାୟକ, ସତ୍ୟବ୍ରତ ପରିଜା, ଶଙ୍କର ସାମନ୍ତରାୟ, ସ୍ୱପ୍ନେନ୍ଦୁ ସାମନ୍ତରାୟ, ଉପାଧ୍ୟକ୍ଷ ଶିଶିର ସାହୁ, ନନ୍ଦ କିଶୋର ମଲ୍ଲିକ, ଶୁଭଦିପା ମହାନ୍ତି, ଲିଲି ଜେନାମଣି ଆଦି ଉପସ୍ଥିତ ଥିଲେ।

## ୧୮ ମାସ ହେଲା ଏଟିଏମରେ ତାଲା ପଡ଼ିଛି ଉପଭୋକ୍ତା ହନ୍ତସନ୍ତ

କଣାସ: ବ୍ୟାଙ୍କ ମାନଙ୍କରେ ଜନସାଧାରଣଙ୍କୁ ଉତମ ସେବା ଯୋଗାଇଦେବା ପାଇଁ ନିଜ ନିଜ ଏରିଆ ମଧ୍ୟରେ ଏ.ଟି.ଏମ୍ ମାନ ଖୋଲିଛନ୍ତି। କିନ୍ତୁ, ପୁରୀ ଜିଲ୍ଲା କଣାସ ବ୍ଲକର କଣାସ ପଂଚାୟତ ସିମିତି ନିକଟରେ ଥିବା ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ଏ.ଟି.ଏମଟି ଦୀର୍ଘ ୧୮ମାସ ହେଲା ବନ୍ଦ ହୋଇ ରହିଥିବାରୁ ବ୍ୟାଙ୍କର ଗ୍ରାହକ ମାନେ ନାହିଁ ନଥିବା ଦୂର୍ଦଶା ଭୋଗ କରୁଛନ୍ତି। ଖବର ନେବାରେ ଜଣାପଡିଛି, କୌଣସି ଦୁର୍ବୃତ୍ତ ୨୦୧୮ ମସିହା ସେପ୍ଟମ୍ବର ୮ ତାରିଖ ଦିନ ଉକ୍ତ ଏ.ଟି.ଏମଟି ଭାଙ୍ଗି ଟଙ୍କା ନେବାପାଇଁ ଚେଷ୍ଟା କରିଥିଲା। ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଏ.ଟି.ଏମ ଭଙ୍ଗା ସମ୍ପର୍କରେ କଣାସ ଥାନାରେ ଏତେଲା ଦେବା ସହ ଉଚ୍ଚ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। କଣାସ ଥାନା ଅଧିକାରୀ ଏ.ଟି.ଏମ ଭଙ୍ଗା ସମ୍ପର୍କରେ ତଦନ୍ତ କରିବା ଏବଂ ବ୍ୟାଙ୍କ ଉଚ୍ଚ ଅଧିକାରୀ ଘଟଣାସ୍ଥଳକୁ ଆସି ତଦନ୍ତ କରି ଫେରିଯାଇଥିଲେ। ଇତିମଧ୍ୟରେ ଦୀର୍ଘ ୧୮ ମାସ ବିତିଯାଇଥିଲେ ମଧ ଏ.ଟି.ଏମଟି ଖୋଲିବା ପାଇଁ କୌଣସି ବ୍ୟବସ୍ଥା କରାଯାଇନଥିବାରୁ ବ୍ୟାଙ୍କରେ ଟଙ୍କା ଉଠାଣ ଓ ଡ଼ିପୋଜିଟ୍ ପାଇଁ ପ୍ରବଳ ଭିଡ଼ ଲାଗିରହୁଛି। ଉପଭୋକ୍ତାଙ୍କୁ ବ୍ୟାଙ୍କରେ ଘଂଟା ଘଂଟା ଧରି ଧାଡ଼ିରେ ଛିଡା ହେବାକୁ ପଡୁଛି। ଏ.ଟି.ଏମ ଖୋଲିବା ସମ୍ପର୍କରେ ଶାଖା ପରିଚାଳକ ଏସ.କେ. ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ଆସିବା ଠାରୁ ବାରମ୍ବାର ଉଚ୍ଚ ଅଧିକାରୀଙ୍କୁ ଏ.ଟି.ଏମଟିକୁ ଖୋଲିବା ପାଇଁ ପତ୍ର ଲେଖିଲାଣି। କିନ୍ତୁ, ଉଚ୍ଚ ଅଧିକାରୀ ମାନେ ଏ.ଟି.ଏମଟିକୁ ଖୋଲିବାର କୌଣସି ବ୍ୟବସ୍ଥା କରୁନଥିବାରୁ ବ୍ୟାଙ୍କରେ ପ୍ରବଳ ଭିଡ଼ ହେଉଛି। ତୁରନ୍ତ ଏ.ଟି.ଏମଟିକୁ ଖୋଲିବା ପାଇଁ ବ୍ୟାଙ୍କର ଗ୍ରାହକମାନେ ଦାବି କରିଛନ୍ତି।

## ପଦ୍ମଶ୍ରୀ ପ୍ରଫୁଲ କରଙ୍କୁ ପଂଚମ ଚାଣକ୍ୟ ସମ୍ମାନ

ଭୁବନେଶ୍ୱର: ଚାଣକ୍ୟ ପବ୍ଲିକ ସ୍କୁଲ ଶହିଦନଗର ଓ ମଳିପଡାର ବାର୍ଷିକ ଉତ୍ସବ ଜୟଦେବ ଭବନ ଠାରେ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଛି। ଏଥିରେ ପଦ୍ମଶ୍ରୀ ପ୍ରଫୁଲ୍ଲ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଚାଣକ୍ୟଙ୍କର ମହତ ଗୁଣକୁ ଅନୁସରଣ କରି ଜୀବନରେ ମହାନବ୍ୟକ୍ତିର ପରିଚୟ ଦେବା ପାଇଁ ଅନୁପ୍ରାଣୀତ କରିଥିଲେ। ଚାଣକ୍ୟ ଏଜୁକେଶନାଲ ଚାରିଟେବୁଲ ଟ୍ରଷ୍ଟ ତରଫରୁ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କୁ ଏହି ଉତ୍ସବରେ ପଂଚମ ଚାଣକ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଚଳଚ୍ଚିତ୍ର ଅଭିନେତା ଶ୍ରୀ ମନୋଜ ମିଶ୍ର ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଗୁରୁଜନ ଏବଂ ପରିବାର ପ୍ରତି ସମ୍ମାନ ଓ ଆଦର ଦେବାପାଇଁ କହିଥିଲେ। ବିଶିଷ୍ଟ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ଦିଲ୍ଲୀପ ହାଲି କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ଶ୍ରୀ ଜ୍ୟୋତିଶଙ୍କର ମହାନ୍ତିଙ୍କର ଦୀକ୍ଷାନ୍ତ ଭାଷଣ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରତି ଅନୁରାଗ ସୃଷ୍ଟି କରିବା ପାଇଁ ପ୍ରେରଣା ଦେଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶିକା ଶ୍ରୀମତୀ ଏଲୋରା ରାୟ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରାଧ୍ୟାପକ ଶ୍ରୀ ରବି ନାରାୟଣ ପ୍ରଧାନ ବିଦ୍ୟାଳୟରୀ ବାର୍ଷିକ ବିବରଣୀ ପାଠ କରିଥିଲେ। କୁନି କଳାକାର ରାକେଶ ବିଶ୍ୱାଳଙ୍କ ଦ୍ୱାରା ପରିବେଷିତ ଭାୟୋଲିନ୍ ବାଦନ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କୁନି ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜର କଳା ପ୍ରଦର୍ଶନ କରି ଦର୍ଶକଙ୍କ ମନ ମୋହିଥିଲେ।

## ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ମାୟୋପିଆ ସଚେତନତା ପାଇଁ 'ମାଇଁସାଇକ୍ଲୋଥନ୍'



ଭୁବନେଶ୍ୱର : ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍(ଏଲ୍‌ଭିପିଇଆଇ), ଭୁବନେଶ୍ୱର ପକ୍ଷରୁ ଶିଶୁ ଏବଂ କିଶୋରମାନଙ୍କଠାରେ ଦେଖାଦେଉଥିବା 'ମାୟୋପିଆ' ବା ନିକଟ ଦୃଷ୍ଟିଦୋଷ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ 'ମାଇଁସାଇକ୍ଲୋଥନ୍'-ବେଟର ହେଲ୍‌ଥ, ବେଟର ସାଇଟ୍ ନାଁ ରେ ଏକ ସାଇକେଲ୍ ଯାତ୍ରା ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ସକାଳ ୬ଟା ୩୦ରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ସଂଗୃହିତ ଅର୍ଥରୁ ମାୟୋପିଆ ସମସ୍ୟାରେ ପୀଡିତ ଶିଶୁ ଏବଂ କିଶୋର, ଯେଉଁମାନେ ଏହାର ଚିକିତ୍ସା କରିବାକୁ ସକ୍ଷମ ନୁହନ୍ତି, ସେମାନଙ୍କର ଚିକିତ୍ସା କରାଯିବା ସହିତ ମାଗଣାରେ ଚଷମା ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ମାଇଁସାଇକ୍ଲୋଥନ୍‌ର ବ୍ରାଣ୍ଡ ଆମ୍ବାସଡର ରହିଛନ୍ତି ଜଣାଶୁଣା ଅଭିନେତା ସିଦ୍ଧାନ୍ତ ମହାପାତ୍ର ସେ ମଧ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରଥମେ ସାଇକେଲ ଯାତ୍ରା ଆରମ୍ଭ କରିଥିଲେ। ମାଇଁସାଇକ୍ଲୋଥନ୍ ଅନ୍ୟ ଦୁଇଟି ପର୍ଯ୍ୟାୟକୁ ଅର୍ଜୁନ ପୁରସ୍କାର ବିଜେତା ମିନତୀ ମହାପାତ୍ର ଓ ଏମ୍‌ସିଏଲ୍‌ର ପ୍ରତିନିଧି ଅରବିନ୍ଦ ସାହୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ତାଲିମପ୍ରାପ୍ତ ସାଇକେଲ ଆରୋହୀଙ୍କ ସମେତ ୪୫୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଏହି ମେଗା କ୍ୟାମ୍ପେନ୍‌ରେ ଅଂଶଗ୍ରହଣ କରିଥିଲେ।

ମାଇଁସାଇକ୍ଲୋଥନ୍‌ର ଶେଷ ହେବା ପରେ ଏକ ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରାଯାଇଥିଲା। ପୋଲିସ୍ କମିସନର ଡକ୍ଟର ସୁଧାଂଶୁ ଷଡଙ୍ଗୀ, ଏମ୍‌ସିଏଲ୍ ଡାଇରେକ୍ଟର ଫିନାନ୍ସ କେ. ଆର୍. ବାସୁଦେବନ୍, ଜେନେରାଲ ମ୍ୟାନେଜର ସିଏସ୍‌ଆର୍ ଏମ୍‌ସିଏଲ୍ ବି ସାଇରାମ୍ ଓ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍, ପଟିଆ କ୍ୟାମ୍ପସ୍ ନିର୍ଦ୍ଦେଶକ ସୂର୍ଯ୍ୟସ୍ନାତ ରଥ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଉପସ୍ଥିତ ଜନତାଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ମୋମେଣ୍ଟୋ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

## ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହେଉନାହିଁ

ଗଞ୍ଜାମ: ପିତଳ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ବୈଠକ ନିୟମିତ ବସୁନାହିଁ। ଫଳରେ ରୋଗୀଙ୍କର କଲ୍ୟାଣ ଏବଂ ଡାକ୍ତରଖାନାର ଉନ୍ନୟନ କାର୍ଯ୍ୟ ବାଧକ ହେଉଥିବା ଜଣାପଡ଼ିଛି। ରୋଗୀ କଲ୍ୟାଣ ସମିତିକୁ ଆସୁଥିବା ଅନୁଦାନ ଠିକ୍ ରାସ୍ତାରେ ଖର୍ଚ୍ଚ ହେଉନାହିଁ। ଡାକ୍ତରଖାନାକୁ ନିୟମିତ ଡାକ୍ତର ଫାର୍ମାସିଷ୍ଟ ଆସୁନାହାନ୍ତି, ରୋଗୀମାନେ ଠିକ୍ ସମୟରେ ଚିକିତ୍ସା ସେବା ପାଉନାହାନ୍ତି ଏବଂ ଡାକ୍ତରଖାନାରୁ ଔଷଧ ରୋଗୀଙ୍କୁ ମିଳୁନଥିବା ଜଣାପଡ଼ିଛି। ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରୀ କମିଟିର ଏନଜିଓ ସଦସ୍ୟ, ଶିକ୍ଷାବିତ ସଦସ୍ୟ ଏବଂ ଏସଏଚଜି ସଦସ୍ୟା ତଥା ଯେଉଁମାନେ କି ସ୍ୱାସ୍ଥ୍ୟ କ୍ଷେତ୍ରରେ ଦିଗଦର୍ଶନ ଦେଇପାରିବେ। ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲାପାଳ ଏବଂ ସରକାରୀ କଳ ଉପରେ ପ୍ରଭାବ ପକାଇ ଡାକ୍ତରଖାନାର ଉନ୍ନତି କରିପାରିବେ ସେହି ଧରଣର ସଦସ୍ୟମାନଙ୍କୁ ବୈଠକକୁ ନୋଟିସ ଦିଆଯାଇ ଡକାଯାଉନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ଗଞ୍ଜାମା ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ବରିଷ୍ଠ ନାଗରିକ ମଂଚ ପକ୍ଷରୁ ସ୍ମୃତିଚାରଣ ସଭା

କୋରେଇ: ପାଣିକୋଇଲିର ଅଗ୍ରଣୀ ସଂଗଠନ ବରିଷ୍ଠ ନାଗରିକ ମଂଚର ଏକ ସାଧାରଣ ସଭା ସଂଗଠନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ନୃସିଂହ ଚରଣ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ରାୟ ବିବରଣୀ ଉପସ୍ଥାପନ କରିବା ସହିତ ପରଲୋକଗତ ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପ୍ରହରାଜଙ୍କ ସ୍ମୃତିଚାରଣ କରି ସଂଘ ପକ୍ଷରୁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ "ଅନୁଭୁତିରୁ କେଇପଦ" ଶିର୍ଷକ ଆଲୋଚନାରେ ସର୍ବଶ୍ରୀ ସତ୍ୟାନନ୍ଦ ମହାରଣା, ବୈଷ୍ଣବ ଚରଣ ସାହୁ, ନାରାୟଣ ସାହୁ, ସନାତନ ବିଶ୍ୱାଳ, ରାମଚନ୍ଦ୍ର ବେହେରା, ବ୍ରଜବନ୍ଧୁ ଲେଙ୍କା, କାହ୍ନୁଚରଣ ନାଥ, ନିଳମଣୀ ନାୟକ, ଗୋକୁଳାନନ୍ଦ ମହାରଣା, ମଦନ ମୋହନ ବେହେରା ଓ ସାଧାରଣ ସଂପାଦକ ପ୍ରମୁଖ ଆଲୋଚନାରେ ଭାଗ ନେଇ ଜୀବନର ଅପରାହ୍ନରେ କାମନା ଶୂନ୍ୟ ଓ ଜଂଜାଳ ମୁକ୍ତ ଜୀବନ ଯାପନ ପାଇଁ ଉପାଦେୟ ପରାମର୍ଶ ଦେଇଥିଲେ। ଆସନ୍ତା ମାର୍ଚ୍ଚ ମାସ ଦ୍ୱିତିୟ ସପ୍ତାହରେ ମହିଳା ସଭ୍ୟାମାନଙ୍କୁ ନେଇ ଏକ ମହିଳା ସମାବେଶ କରାଇ ମହିଳା ସଶକ୍ତିକରଣ ଉପରେ ଏକ ଆଲୋଚନା ଚକ୍ର ଆୟୋଜନ କରିବାକୁ ନିଷ୍ପତି ହୋଇଥିଲା।

## ସାରଦୋକାନୀଙ୍କୁ ଚକମା ଦେଖାଇ ୭ହଜାର ଲୁଟିନେଲେ ଦୁର୍ବୃତ

ନିମାପଡ଼ା: ସାରଦୋକାନୀକୁ ଚକମା ଦେଖାଇ ଅତି ଚତୁରତାର ସହ ୨ଜଣ ଲୁଟେରା ୭ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯିବା ଘଟଣା ବଲଙ୍ଗା ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଆଜି ମଧ୍ୟାହ୍ନରେ ନିମାପଡା ବ୍ଲକ ବଲଙ୍ଗା ଥାନା ଅନ୍ତର୍ଗତ ଭଗବତୀପୁର ବଜାରରେ ୨ଜଣ ଦୁର୍ବୃତ ଏକ ନାଲିପଲସର ବାଇକରେ ଆସି ପ୍ରଥମେ ବଜାରରେ ଥିବା ଏକ ତେଜରାତି ଦୋକାନରୁ ୫ଟା ୧୦ଟଙ୍କିଆ ଅମୁଲ ପ୍ୟାକେଟ କିଣି ଶହେ ଟଙ୍କା ଦେଇଥିଲେ। ଦୋକାନୀ ୫୦ଟଙ୍କା ଫେରାଇବାରୁ ସେମାନେ ହିନ୍ଦିରେ ରେଜା ମାଗିଥିଲେ। ଦୋକାନୀ ସେମାନଙ୍କ ଆଗରେ ଡ୍ରରୁ ରେଜା ଦେଲାବେଳେ ସେମାନେ ଡ୍ରରେ କେତେ ଟଙ୍କା ଅଛି ବୋଲି ନଜର କରି ଅଳ୍ପକିଛି ଟଙ୍କା ଥିବା ଜାଣି ସେଠାରୁ ଫେରିଥିଲେ ଏବଂ ପାଖରେ ଦୁର୍ଗାପୁର ଗ୍ରାମର ଶରତ ଚନ୍ଦ୍ର ଖୁଂଟିଆଙ୍କ ସାରଦୋକାନକୁ ଆସି ଏକ ମୁଗରେ ପଡୁଥିବା ଔଷଧ ମାଗିଥିଲେ ଏବଂ ଔଷଧ ନେଇ ଶହେ ଟଙ୍କା ଶରତଙ୍କୁ ଦେଇ ସମାନ ଢଙ୍ଗରେ ରେଜା ମାଗିଥିଲେ।

## ପଓ୍ୱନ ମୁଞ୍ଜାଲ୍‌ଙ୍କୁ ଏସିଆ ପାସିଫିକ୍ ଗଲ୍ଫ ହଲ୍ ଅଫ୍ ଫେମ୍ ସମ୍ମାନ

ଭୁବନେଶ୍ୱର : ବିଶ୍ୱର ବୃହତ୍ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋ କର୍ପ ଲିଃ.ର ଅଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ପଓ୍ୱନ ମୁଞ୍ଜାଲଙ୍କୁ ଗଲ୍ଫ ଖେଳର ବିକାଶ ପାଇଁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ମାନ ଜନକ ଏସିଆ ଗଲ୍ଫ ହଲ୍ ଅଫ୍ ଫେମ୍-୨୦୧୯ ସମ୍ମାନରେ ସମ୍ମାନୀତ କରାଯଇଛି।ବାହାମାସ୍ ସ୍ଥିତ ଆଲବାନିଠାରେ ହିରୋ ଓ୍ୱାର୍ଲ୍ଡ ଚ୍ୟାଲେଞ୍ଜ୍ ଅବସରରେ ଟାଇଗର ଉଡସ୍‌ଙ୍କ ନିମନ୍ତ୍ରଣ ରକ୍ଷା କରି ମୁଞ୍ଜାଲ୍ ସେଠାରେ ଯୋଗଦେଇଥିଲେ। ଏହି ସମ୍ମାନ ପ୍ରଦାନ ଉତ୍ସବରେ ଗଲ୍ଫର ଜ୍ୟାକ୍ ନିକ୍‌ଲାସ୍, ଗ୍ରେ ପ୍ଲେୟାର, ଡ. ଡେଭିଡ୍ ଚୁ ପ୍ରମୁଖ ଉପସ୍ଥିତ ଥିଲେ।ଗତ ୨୦ ବର୍ଷରୁ ଅଧିକ ସମୟ ଧରି ମୁଞ୍ଜାଲ୍ ଗଲ୍ଫର ବିକାଶ ପାଇଁ ବିଶ୍ୱବ୍ୟାପି ପ୍ରୟାସ ଜାରି ରଖିଛନ୍ତି। ତାଙ୍କର ଏଭଳି ଅବଦାନ ନିମନ୍ତେ ଏହି ସମ୍ମାନ ପ୍ରଦାନ କରାଯାଇଛି।

## ରବିନ୍ଦ୍ରନାଥ ଟାଗୋର୍ ଇଣ୍ଟରନ୍ୟାସ୍‌ନାଲ୍ ଇଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଆକ୍ ସାଇନ୍ସି ପକ୍ଷରୁ ଅଙ୍ଗଦାନ ଏବଂ ପ୍ରତିରୋପଣ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୯/୦୧: ଶରୀରର ପ୍ରମୁଖ ଅଙ୍ଗମାନଙ୍କରେ ଅନେକ ପ୍ରକାର ରୋଗ ଦେଖାଦେଉଛି,ଯାହାଦ୍ୱାରା ଅନେକ ରୋଗୀଙ୍କର ଅକାଳରେ ମୃତ୍ୟୁ ଦେଖିବାକୁ ମିଳୁଛି ସେହି ସମୟରେ ଅଙ୍ଗ ପ୍ରତିରୋପଣ ଏକ ସହଜ ଉପାୟ ଯାହାଦ୍ୱାରା ରୋଗୀକୁ ବଚଂାଇହେବ, କିନ୍ତୁ ସଠିକ୍ ତଥ୍ୟ, ଅଙ୍ଗପ୍ରତିରୋପଣ ଇତ୍ୟାଦିର ସୁବିଧାରୁ ଅନେକ ରୋଗୀ ବଚିଂତ ହେଉଛନ୍ତି । ନିକଟରେ ଏକ ନିରିକ୍ଷଣରୁ ଜଣାପଡିଛି ଯେ, କାର୍ଡିଆକ୍ ଆରେଷ୍ଟ ଦ୍ୱାରା ପ୍ରତିବର୍ଷ ପାଖାପାଖି ୯୦୦୦ରୁ ଊର୍ଦ୍ଧ୍ୱ ରୋଗୀ ନିଜ ପ୍ରାଣ ହରାଉଛନ୍ତି, ଏହା ସହିତ ଏନ୍.ଏ.ଏଫ୍.ଏଲ୍.ଡି (ନନ୍-ଆଲକୋହୋଲିକ୍ ଫ୍ୟାଟି ଲିଭର ଡିଜିଜ୍) ମଧ ଓଡିଶାରେ ବ୍ୟାପିବାରେ ଲାଗିଛି । ଏହିପରି ଏକ ଦୃଢ ସମସ୍ୟାର ସମାଧାନ ଏବଂ ସ୍ୱଚ୍ଛାକୃତ ଅଙ୍ଗଦାନ ପ୍ରତି ଜାଗରଣ ସୃଷ୍ଟି କରିବା ପାଇଁ ରବିନ୍ଦ୍ରନାଥ ଟାଗୋର୍ ଇ???ରନ୍ୟାସ୍‌ନାଲ୍ ଇଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଆକ୍ ସାଇନ୍ସି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏଠାରେ ଡଃ. ଆୟାନ କର, ହୃଦ୍‌ରୋଗ ବିଶେଷଜ୍ଞ (ଆର୍.ଟି.ଆଇ.ଆଇ.ସି.ଏସ୍-କୋଲକାତା) ଏବଂ ଡଃ. ସନ୍ଦିପ୍ ପାଲ୍, ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଶେଷଜ୍ଞ (ଆର୍.ଟି.ଆଇ.ଆଇ.ସି.ଏସ୍-କୋଲକାତା) ଉପସ୍ଥିତ ରହି ଚର୍ଚାକରିଥିଲେ।

ଡଃ. କର କହିଛନ୍ତି ଯେ, " ଅନ୍ୟ ଅଙ୍ଗପ୍ରତିରୋପଣ ଅପେକ୍ଷା ହାର୍ଟ ଟ୍ରନ୍ସପ୍ଲା???ସନ୍ ଜଟିଳ ହୋଇଥାଏ, କାରଣ ଏହି ପ୍ରକ୍ରିୟାରେ ଡୋନର ମୃତ ଥାଏ । ଅନ୍ୟପକ୍ଷେ ଅତ୍ୟାଧୁନିକ ଜ୍ଞାନକୌଶଳ ଏହି ପ୍ରକ୍ରିୟାକୁ ସହଜ କରିଦେଇଛି, କିନ୍ତୁ ଏବେମଧ ସଚେତନତା ଅଭାବରୁ କିଛି ରୋଗୀମାନେ ଏହାର ସୁବିଧା ନେଇପାରୁନାହାନ୍ତି । ଦେଶରେ ହୃଦରୋଗ ଜନିତ ମୃତ୍ୟୁର ସଂଖ୍ୟା ଅନ୍ୟ ଅପେକ୍ଷା ବହୁତ ଅଧିକ । ଜଣେ ମଣିଷ ନିଜ ଅଙ୍ଗଦାନ କରିବାଠାରୁ ମହତପଣିଆ କିଛିନାହିଁ, ଅଙ୍ଗଦାନ କରିବାଦ୍ୱାରା ସେ ମୃତ୍ୟୁପରେ ମଧ ଅନ୍ୟକୁ ନୂତନ ଜୀବନଦାନ ଦେଇଯାଇଥାଏ ।"

ଏକ ସୁସ୍ଥଜୀବନ ଯାପନ କରିବା ପାଇଁ ସୁସ୍ଥ ହାର୍ଟ, କିଡ୍‌ନ୍ନି ଏବଂ ଲିଭର ଇତ୍ୟାଦି ସଠିକ୍ ଭାବେ କାର୍ଯ୍ୟକରିବା ନିହାତି ଆବଶ୍ୟକ, ସେହିପରି ଅଙ୍ଗଦାନ କରୁଥିବା ବ୍ୟକ୍ତି ମଧ୍ୟ ସୁସ୍ଥ ରହିବା ଆବଶ୍ୟକ ।

ଏହି ଟ୍ରାନ୍ସପ୍ଲାଣ୍ଟବିଷୟରେ ଡଃ. ସନ୍ଦିପ୍ ପାଲ୍ କହିଛନ୍ତି, " ଗମ୍ଭିର ରୋଗରେ ପିଡିତ ଥିବା ଅବସ୍ଥାରେ ଯେବେ ଶରୀରର ଅଙ୍ଗପ୍ରତ୍ୟେଙ୍ଗ ପ୍ରଚଳନରେ ଅସୁବିଧା ଦେଖାଦିଏ କିମ୍ବା ବନ୍ଦହୋଇଯାଏ , ସଙ୍ଗେସଙ୍ଗେ ଡାଃକ୍ତରଙ୍କ ପରାମର୍ଶନେଇ ଅଙ୍ଗପ୍ରତିରୋପଣ କରାଇନେବା ଅବଶ୍ୟକ । ଯେଉଁମାନେ ଅଗରୁ ଅଙ୍ଗପ୍ରତିରୋପଣ କରିଛନ୍ତି, ସେମାନେ ମଧ ସଠିକ୍ ସମୟରେ ଡାଃକ୍ତରଙ୍କ ପରାମର୍ଶ, ସଠିକ୍ ଚିକିତ୍ସାରେ ରହିବା ନିହାତି ଆବଶ୍ୟକ ।"

ବହୁସମୟଧରି ଦେଶରେ ଏହିପରି ଅନେକ ସମସ୍ୟା ଦେଖାଦେଉଛି, ଏହି ଦିଗରେ ଅଧିକରୁ ଅଧିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ । ଏହାଛଡା ଆଜିକାଲିର ଅନିୟମିତ ଜୀବନଶୀଳୀ, ଅତ୍ୟଧିକ ମଦ୍ୟପାନ ତଥା ଅନ୍ୟାନ୍ୟ ନିଶା ଦ୍ରବ୍ୟ ସେବନ କାରଣ ଏବଂ କିଛିକ୍ଷେତ୍ରରେ ବଂଶଗତ ମଧ୍ୟ ଏହି ରୋଗ ଦେଖାଦେଇଥାଏ । ଏହି ସମ୍ମିଳନୀ ପରେ ଆଇ.ଏମ୍.ଏରେ ମଧ୍ୟ ଏହି ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା, ଯେଉଁଥିରେ ଡଃ. କର ଏବଂ ଡଃ. ପାଲ୍ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଅଙ୍ଗଦାନ ଏବଂ ପ୍ରତିରୋପଣ ବିଷୟରେ ସଚେତନ କରିଥିଲେ ।

## କେ.ଏଲ୍. କିମ୍ଡ଼ି ବିଶ୍ୱବିଦ୍ୟାଳୟ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ




ଭୁବନେଶ୍ୱର,(ପିଏନ) : ଆନ୍ଧ୍ରପ୍ରଦେଶର ଗୁନ୍‌ଟୁର୍ ଜିଲ୍ଲାର ରଦ୍ଧେଶ୍ୱରମସ୍ଥ ଗ୍ରୀନ ଫିଲ୍ଡ଼ଠାରେ ଥିବା କୋନେରୁ ଲକ୍ଷ୍ମୀୟାହା ଏଜୁକେସନ ଫାଉଣ୍ଡେସନ (କେ.ଏଲ୍. ଡ଼ିମ୍‌ଡ଼ି ବିଶ୍ୱବିଦ୍ୟାଳୟ) ପକ୍ଷରୁ ଭୁବନେଶ୍ୱରସ୍ଥିତ ହୋଟେଲ କଳିଙ୍ଗ ଅଶୋକାରେ କେ.ଏଲ୍. ଡ଼ିମ୍‌ଡ଼ ବିଶ୍ୱବିଦ୍ୟାଳୟରଅତିରିକ୍ତ ନିର୍ଦ୍ଦେଶକ ଡଃ ଜେ. ଶ୍ରୀନିବାସ ରାଓଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟା ୫ ଘଟିକା ସମୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଡଃ ରାଓ ସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇବାକୁ ଯାଇ କହିଥିଲେ ଯେ, କେ.ଏଲ୍. ଡ଼ିମ୍‌ଡ଼ି ବିଶ୍ୱବିଦ୍ୟାଳୟ ସମଗ୍ର ଓଡ଼ିଶାରେ ଔପଚାରିକ ଭାବେ ଆଗାମୀ ମାସ ଏପ୍ରିଲ୍ ୯ ତାରିଖରୁ ଏପ୍ରିଲ୍ ୧୩ ତାରିଖ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ସଞ୍ଚାଳନ କରିବା ସହ ଏହି ପରୀକ୍ଷାରେ ଯେଉଁ ପରୀକ୍ଷାର୍ଥୀମାନେ ଟପ୍ ର୍ୟାଙ୍କର ହୋଇଥିବେ, ଅର୍ଥାତ୍ ସବୁଠାରୁ ଉପରସ୍ତରରେ ନମ୍ବର ରଖିଥିବେ, ସେମାନଙ୍କୁ ଡ଼ିମ୍‌ଡ଼ି ବିଶ୍ୱବିଦ୍ୟାଳୟ ତରଫରୁ ୨୫ ଲକ୍ଷ ଟଙ୍କା ପୁରସ୍କାର ସ୍ୱରୂପ ଦିଆଯିବ। ତତ୍‌ବ୍ୟତୀତ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଶତକଡ଼ା ୧୦୦ ପ୍ରତିଶତ ପର୍ଯ୍ୟନ୍ତ ସ୍କଲାରସିପ୍ ଦେବାର ବ୍ୟବସ୍ଥା କରାଯାଇଛି ଯଦ୍ୱାରା ଯେଉଁ ଛାତ୍ରଛାତ୍ରୀମାନେ ଇଞ୍ଜିନିୟରିଂ ପଢ଼ିବାକୁ ଚାହୁଁଛନ୍ତି, ସେହି ଛାତ୍ରଛାତ୍ରୀମାନଙ୍କ ପାଇଁ ଏହା ଅତ୍ୟନ୍ତ ଆବଶ୍ୟକ। ତେଣୁ ଓଡ଼ିଶାର ଛାତ୍ରଛାତ୍ରୀ ତଥା ଅଭିଭାବକମାନେ ଏହି ସୁବର୍ଣ୍ଣ ସୁଯୋଗ ନ ହରାଇ ଏହାର ସଦୁପଯୋଗ କରିବାକୁ ଅନୁରୋଧ କରୁଛୁ। ଏହି ପ୍ରବେଶିକା ପରୀକ୍ଷା ସମ୍ପର୍କରେ ଅଧିକ ଜାଣିବା ପାଇଁ ଆମ ୱେବ୍‌ସାଇଟ୍ www.kl,university.inକୁ ଲଗ୍‌ଅନ୍ କରନ୍ତୁ ଅଥବା ୦୮୬୩-୨୩୯୯୯୯ରେ ଯୋଗାଯୋଗ କରନ୍ତୁ।

## ଟାଟା ଷ୍ଟିଲ ଭୁବନେଶ୍ୱର ହାପ୍ ମାରାଥନର ୫ମ ସଂସ୍କରଣ ରେ ଅଂଶଗ୍ରହଣ କଲେ ଦେଶର ବିଭିନ୍ନ ଭାଗରୁ ୫୦୦୦ ପ୍ରତିଯୋଗୀ



ଭୁବନେଶ୍ୱର : ଟାଟା ଷ୍ଟିଲ ଭୁବନେଶ୍ୱର ହାଫ୍ ମାରାଥନ (ଟିଏସ୍‌ବିଏଚଏମ) ୫ମ ସଂସ୍କରଣ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହଯୋଗରେ ଆଜି ଏଠାରେ ଅନୁଷ୍ଠିତ ହୋଇଯାଇଛି । ମହିଳା ବର୍ଗରେ ସମସାସ୍ ଆରା ବେଗମ ଓ ପୁରୁଷ ବିଭାଗରେ ଶଙ୍କାରମଣ ଥାପା ବିଜେତା ଘୋଷିତ ହୋଇଛନ୍ତି। ଏହି ୨୧ କି.ମି ବ୍ୟାପୀ ହାଫ୍ ମାରାଥନ ଦୌଡ଼କୁ ମହିଳା ବିଜେତା ୦୧:୨୩:୪୦ ଓ ପୁରୁଷ ବିଜେତା ୦୧: ୦୬:୫୯ ସମୟରେ ଶେଷ କରିବା ସହ ଚଳିତ ବର୍ଷ ନୂଆ ଟିଏସ୍‌ବିଏଚଏମ ରେକର୍ଡ଼ ପ୍ରତିଷ୍ଠା କରିଛନ୍ତି ।ଟିଏସ୍‌ବିଏଚଏମ ୨୦୨୦ରେ ୩ଟି ପ୍ରତିଯୋଗିତା ଦୌଡ଼ ରହିଛି । ୨୧ କି.ମି (ହାଫ୍ ମାରାଥନ) ୧୮ରୁ ବା ଅଧିକ ବୟସର ଉଭୟ ମହିଳା ଓ ପୁରୁଷଙ୍କ ପାଇଁ , ୧୫ ବର୍ଷ ବା ଅଧିକ ବୟସ ପୁରୁଷ ଓ ମହିଳାଙ୍କ ପାଇଁ ୧୦ କି.ମି ଦୌଡ଼, ୧୨ ରୁ ୧୬ ବର୍ଷ ବୟସ ମଧ୍ୟରେ ଥିବା ବାଳକ, ବାଳିକାଙ୍କ ପାଇଁ ୫ କି.ମି ଦୌଡ଼ । ୩ ବର୍ଗର ପୁରୁଷ ଓ ମହିଳା ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ୫ ଜଣ ଲେଖାଁଏ ବିଜେତାଙ୍କୁ ସର୍ବମୋଟ ୮.୬୪ ଲକ୍ଷ ଟଙ୍କା ପୁରସ୍କାର ରାଶି ବିତରଣ କରାଯାଇଥିଲା। ୨୧.୦୯୭ କି.ମି ଦୁଇ ବିଜେତାଙ୍କୁ ୧ ଲକ୍ଷ ଟଙ୍କା ଲେଖାଁଏ ପୁରସ୍କାର ଅର୍ଥ ପ୍ରଦାନ କରାଯାଇଥିଲା ।ଏହି ଅବସରରେ ବିଜ୍ଞାନ, ପ୍ରଯୁକ୍ତି ଓ ସରକାରୀ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର (କେନ୍ଦ୍ର), ଓଡ଼ିଶା ସରକାରଙ୍କ କ୍ରୀଡ଼ା ଯୁବ ସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଶାର ପିସିସିଏଫ ଆଇଏଫଏସ ଡକ୍ଟର ସନ୍ଦୀପ ତ୍ରିପାଠୀ, ଓଡ଼ିଶା ପୋଲିସ ହାଉସିଂ କର୍ପୋରେସନର ସିଏମଡି ଆଇପିଏସ ଶ୍ରୀଯୁକ୍ତ ଲଳିତ ଦାସ, ଜଙ୍ଗଲ ଓ ପରିବେଶ ବିଭାଗ ସ୍ୱତନ୍ତ୍ର ସଚିବ ଦେବିଦତ ବିଶ୍ୱାଳ (ଆଇଏଫଏସ), ଦ୍ୱୈତ ନଗରୀ ପୁଲିସ କମିଶନରେଟର ଟ୍ରାଫିକ୍ ଡ଼ିସିପି ସାଗରିକା ନାଥ, ଟାଟା ଷ୍ଟିଲ କର୍ପୋରେଟ ସେବା ଉପସଭାପତି ଚାଣକ୍ୟ ଚୌଧୁରୀ, ଟାଟା ଷ୍ଟିଲ କଳିଙ୍ଗନଗର କର୍ପୋରେଟ ସେବା ସାଧାରଣ ପରିଚାଳକ ଆର.ଆର.ଶତପଥି, ଟାଟା ଷ୍ଟିଲ ବିଏସଏଲର କର୍ପୋରେଟ ସେବା ମୁଖ୍ୟ ମଣିକାନ୍ତ ନାୟକ, ଟାଟା ଷ୍ଟିଲର ମୁଖ୍ୟ ଆବାସିକ କାର୍ଯ୍ୟନିର୍ବାହୀ ଦେବାଶିଷ ଜେନାଙ୍କ ସମେତ କଂପାନୀର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, କଳାକାର ସୁଶ୍ରୀ ଅର୍ଚ୍ଚିତା ସାହୁ ଓ ସବ୍ୟସାଚୀ ମିଶ୍ର ଉପସ୍ଥିତ ଥିଲେ । ଟିଏସବିଏଚଏମ୍ ୨୦୨୦ର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ଟାଟା ଷ୍ଟିଲ କର୍ପୋରେଟ୍ ସର୍ଭିସେସ୍‌ର ଉପ ସଭାପତି ଶ୍ରୀଯୁକ୍ତ ଚାଣକ୍ୟ ଚୌଧୁରୀ କହିଛନ୍ତି ଯେ, "ଓଡ଼ିଶା ସରକାରଙ୍କ ସହିତ ମିଶି ରାଜ୍ୟର କ୍ରୀଡ଼ାପ୍ରେମୀଙ୍କ ପାଇଁ ପୁଣି ଭୁବନେଶ୍ୱର ହାଫ ମାରାଥନର ପୁଣି ଏକ ସଫଳ ସଂସ୍କରଣ ଆୟୋଜନ କରିଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ଗୋଷ୍ଠୀ ସମ୍ପର୍କ ପାଇଁ କ୍ରୀଡ଼ା ଓ ସାଂସ୍କୃତିକ ଅଭିଯାନର ପ୍ରସାର କରିବା ଲାଗି ଆମର ଧାର୍ଯ୍ୟ ରହିଥିବା ଦର୍ଶନ ଅନୁସାରେ ଏହି ମାରାଥନ୍ ଆୟୋଜନ କରାଯାଇଛି। ଦେଶର କ୍ରୀଡ଼ା ସ୍ଥଳୀ ଭାବେ ଭୁବନେଶ୍ୱର ଦ୍ରୁତ ଗତିରେ ଉଦୀୟମାନ ହେଉଛି ଏବଂ ଏହି ଦୌଡ଼ ପାଇଁ ପଂଜୀକରଣରେ ହୋଇଥିବା ବୃଦ୍ଧି ବିଶେଷ କରି ସାରା ଦେଶରୁ ଆସିଥିବାରୁ ଆମେ ବହୁତ ଖୁସି।



# ଖେଳ

ପର୍ଯ୍ୟବେକ୍ଷକ

PARYABEKHYAK



Bhubaneswar Thursday February 27 | ଭୁବନେଶ୍ୱର | ଗୁରୁବାର, ଫେବୃଆରୀ ୨୭ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮


## ସଡକ ଦୁର୍ଘଟଣାରେ ଶିକାର ଯୁବକଙ୍କ ଅଙ୍ଗଦାନ ୬ ଜଣଙ୍କୁ ଦେଇଛି ନୂଆ ଜୀବନ

ଭୁବନେଶ୍ୱର: ସହରର ପ୍ରମୁଖ ସ୍ୱାସ୍ଥ୍ୟସେବା ପ୍ରଦାତାଙ୍କ ମଧ୍ୟରେ ଅନ୍ୟତମ ବିଆର୍ ଲାଇଫ୍ ଏସ୍‌ଏସ୍‌ଏନ୍‌ଏମ୍‌ସି ହସ୍ପିଟାଲରେ ମାନବିକତାର ଏକ ମହତ ନିଦର୍ଶନ ଦେଖିବାକୁ ମିଳିଛି, ଯେଉଁଠାରେ ସଡକ ଦୁର୍ଘଟଣାର ଶିକାର ହୋଇଥିବା ୩୫ ବର୍ଷୀୟ ଯୁବକ ହେମ' କୁମାରଙ୍କ ପରିବାର ଲୋକେ ତତ୍କାଳ ପ୍ରତିରୋପଣର ଆବଶ୍ୟକ କରୁଥିବା ରୋଗୀଙ୍କୁ ତାଙ୍କର ଅଙ୍ଗଦାନ କରିବାକୁ ସହମତି ପ୍ରକାଶ କରିଛନ୍ତି। ଲୋକମାନଙ୍କୁ ଅଙ୍ଗଦାନ ପାଇଁ ଆଗେଇ ଆସିବାକୁ ପ୍ରୋତ୍ସାହିତ କରିବା ଲାଗି ଗତ ବର୍ଷ 'ଆଇ ଲିଭ୍ ଅନ୍' ଅଭିଯାନ ଆରମ୍ଭ କରିଥିବା ଏହି ହସ୍ପିଟାଲ ହେମ' କୁମାର ଓ ତାଙ୍କ ପରିବାର ସଦସ୍ୟଙ୍କ ମାଧ୍ୟମରେ ଏକ ସଫଳ କାହାଣୀ ଦେଖିବାକୁ ପାଇଛି। ବିଆର୍ ଲାଇଫ୍ ଏସ୍‌ଏସ୍‌ଏନ୍‌ଏମ୍‌ସି ହସ୍ପିଟାଲ ଦ୍ୱାରା ଆରମ୍ଭ କରାଯାଇଥିବା ଅଙ୍ଗଦାନ ସଙ୍କଳ୍ପ ପାଇଁ 'ଆଇ ଲିଭ୍ ଅନ୍' ହେଉଛି ଏକ ଅନ୍‌ଲାଇନ୍ ମଂଚ।କୁନିଗାଲ ନିବାସୀ ହେମ' ସୁଙ୍କଡକଟ୍ଟେଠାରେ ନିଜ ବାଇକ୍‌ରୁ ପଡିଯିବା ପରେ ଏକ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ ଓ ତାଙ୍କ ମସ୍ତିଷ୍କରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ତତ୍କାଳ ଚିକିତ୍ସା ପାଇଁ ବିଆର୍ ଲାଇଫ୍ ଏସ୍‌ଏସ୍‌ଏନ୍‌ଏମ୍‌ସି ହସ୍ପିଟାଲକୁ ଅଣାଯାଇଥିଲା। ତେବେ ସମସ୍ତ ପ୍ରକାରର ପ୍ରୟାସ ସତ୍ୱେ ହେମ'ଙ୍କୁ ବଂଚାଇବା ସମ୍ଭବ ହୋଇନଥିଲା ଓ ଡାକ୍ତରୀ ଦଳ ତାଙ୍କର ବ୍ରେନ୍ ଡେଡ୍ ହୋଇଥିବା ଘୋଷଣା କରିଥିଲେ। ଏହାପରେ ହେମ'ଙ୍କ ପରିବାର ଲୋକେ ହସ୍ପିଟାଲର ମେଡିକାଲ ଟିମ୍ ସହ ଯୋଗାଯୋଗ କରିଥିଲେ ଏବଂ ଅଙ୍ଗ ପ୍ରତିରୋପଣର ଆବଶ୍ୟକ କରୁଥିବା ରୋଗୀଙ୍କୁ ହେମ'ଙ୍କ ଅଙ୍ଗଦାନ କରିବା ସମ୍ପର୍କରେ ନିଜର ଇଚ୍ଛାବ୍ୟକ୍ତ କରିଥିଲେ। ହେମ' ଓ ତାଙ୍କ ପରିବାର ସବୁବେଳେ ଅଙ୍ଗଦାନ କରିବା ଭଳି ମହତ୍ କାର୍ଯ୍ୟରେ ବିଶ୍ୱାସ ରଖିଆସିଥିଲେ। ହସ୍ପିଟାଲର ବରିଷ୍ଠ କନ୍‌ସଲ୍‌ଟାଂଟ୍ ଏଚ୍‌ପିବି/ଟ୍ରାନ୍ସପ୍ଲାଂଟ୍ ସର୍ଜନ ଡଃ ରେହାନ ସୈଫ୍, କନ୍‌ସଲ୍‌ଟାଂଟ ଏଚ୍‌ପିବି/ଟ୍ରାନ୍ସପ୍ଲାଂଟ୍ ସର୍ଜନ ଡଃ ରୋମେଲ ଏସ୍ ଓ କନ୍‌ସଲ୍‌ଟାଂଟ୍ ୟୁରୋଲୋଜିଷ୍ଟ ଡଃ ଗିରିଧର ଭେଙ୍କଟେସଙ୍କ ନେତୃତ୍ୱାଧୀନ ସର୍ଜିକାଲ ଟିମ୍ ଦ୍ୱାରା ହେମ'ଙ୍କ ଶରୀରରୁ ଅଙ୍ଗ ସଂଗ୍ରହ କରାଯାଇଥିଲା। ତାଙ୍କର ଲିଭର ଓ କିଡ୍‌ନିକୁ ବିଆର୍ ଲାଇଫ୍ ଏସ୍‌ଏସ୍‌ଏନ୍‌ଏମ୍‌ସି ହସ୍ପିଟାଲରେ ଅନ୍ୟ ରୋଗୀଙ୍କଠାରେ ପ୍ରତିରୋପଣ କରାଯାଇଥିଲା। ସେହିପରି ତାଙ୍କର ଫୁସ୍‌ଫୁସ୍, ଅନ୍ୟ ଏକ କିଡ୍‌ନି, ହାର୍ଟ ଭାଲ୍‌ଭ ଓ କର୍ଣ୍ଣିଆକୁ ଅନ୍ୟ ହସ୍ପିଟାଲଗୁଡ଼ିକୁ ସ୍ଥାନା'ର କରାଯାଇଥିଲା। ବିଆର୍ ଲାଇଫ୍ ଏସ୍‌ଏସ୍‌ଏନ୍‌ଏମ୍‌ସି ହସ୍ପିଟାଲରେ ହେପାଟୋ-ପ୍ୟାନ୍‌କ୍ରିଆଟୋ-ବିଲିଆରି ବିଭାଗର ବରିଷ୍ଠ କନ୍‌ସଲ୍‌ଟାଂଟ୍ ଓ ଟ୍ରାନ୍ସପ୍ଲାଂଟ୍ ସର୍ଜନ ଡଃ ରେହାନ ସୈଫ୍, ହେପାଟୋ-ପ୍ୟାନ୍‌କ୍ରିଆଟୋ-ବିଲିଆରି କନ୍‌ସଲ୍‌ଟାଂଟ୍ ଓ ଟ୍ରାନ୍ସପ୍ଲାଂଟ୍ ସର୍ଜନ ଡଃ ରୋମେଲ ଏସ୍, ହେପାଟୋଲୋଜିଷ୍ଟ ବିଭାଗର ବରିଷ୍ଠ କନ୍‌ସଲ୍‌ଟାଂଟ୍ ଡଃ ନବୀନ ଗ୍ରୁ ଏହି ଲିଭର ପ୍ରତିରୋପଣ ସର୍ଜରୀ କରିଥିଲେ। ସେହିପରି କିଡ୍‌ନି ପ୍ରତିରୋପଣ ସର୍ଜରୀର ୟୁରୋଲୋଜିଷ୍ଟ କନ୍‌ସଲ୍‌ଟାଂଟ୍ ଡଃ ଗିରିଧର ଭେଙ୍କଟେଶ ଓ ନେଫ୍ରୋଲୋଜିଷ୍ଟ କନ୍‌ସଲ୍‌ଟାଂଟ୍ ଡଃ ମୁନାଥଙ୍କ ଦ୍ୱାରା କରାଯାଇଥିଲା।

## ନିଶାନ ପକ୍ଷରୁ ସମ୍ପୂର୍ଣ୍ଣ ନୂତନ ଟେକ୍ନୋଲୋଜି ଯୁକ୍ତ ଷ୍ଟାଇଲିଷ୍ଟ ଏସୟୁଭିର ଦ୍ୱିତୀୟ ଝଲକ

ଭୁବନେଶ୍ୱର: ନିଶାନ ଇଣ୍ଡିଆ ପକ୍ଷରୁ ଭାରତୀୟ ବଜାର ପାଇଁ ଏହାର ପ୍ରଥମ କମ୍ପାକ୍ଟ ବି-ଏସୟୁଭିର ଦ୍ୱିତୀୟ ଝଲକ ପ୍ରଦର୍ଶନ କରାଯାଇଛି ଯାହାର ବଜାର ପ୍ରବେଶ ୨୦୨୦-୨୧ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ହେବା ନିମନ୍ତେ ଧାର୍ଯ୍ୟ ହୋଇଛି। ନିଶାନ ଇଣ୍ଡିଆ ଏହାର 'ମେକ ଫର ଇଣ୍ଡିଆ, ମେକ ଫର ଦ ୱାଲ୍ଡ' ଦର୍ଶନ ଉପରେ ଆଧାରିତ ଭାରତ ପାଇଁ ପ୍ରସ୍ତୁତ କମ୍ପାକ୍ଟ ଏସୟୁଭିର ଶୁଭାରମ୍ଭ କରିବ। ନିଶାନର ଗ୍ଲୋବାଲ ଏସୟୁଭି ପରମ୍ପରା ଏବଂ ବିକଶିତ ଟେକ୍ନୋଲୋଜି ଉପରେ ନିର୍ମିତ ଏହି ନୂତନ କମ୍ପାକ୍ଟକୁ ଆଗାମୀ ଦିନର ଯାତ୍ରା ପାଇଁ ପ୍ରସ୍ତୁତ କରାଯାଇଛି ଏବଂ ସୁଗମ ଓ ଉନ୍ନତମାନର ରାସ୍ତାକୁ ଉପଭୋଗ କରିବା ପାଇଁ ଷ୍ଟାଇଲିଷ୍ଟ ଡିଜାଇନ ଏବଂ ଉନ୍ନତ ବୈଶିଷ୍ଟ୍ୟରେ ମଧ୍ୟ ସମୃଦ୍ଧ ହୋଇଛି। ଯାନବାହନଗୁଡ଼ିକ ସମାଜରେ କିପରି ସମୃଦ୍ଧ, ପରିଚାଳିତ ହୁଅନ୍ତି ସେ କ୍ଷେତ୍ରରେ କମ୍ପାନୀର ଦୃଷ୍ଟିକୋଣ(ନିଶାନ ଇଣ୍ଟେଲିଜେଣ୍ଟ ମୋବିଲିଟି)ର ଏକ ଅଂଶବିଶେଷ ଭାବେ ନିଶାନର ନୂତନ ଏସୟୁଭି ବିକଶିତ ଟେକ୍ନୋଲୋଜିକୁ ସାମିଲ କରିଛି।

## ସ୍ଥାନୀୟ ଲୋକମାନଙ୍କ ସଫଳତାକୁ ପ୍ରତିଫଳିତ କରୁଛି ଟାଟା ଷ୍ଟିଲ ଆୟୋଜିତ ଉଡାନ ୨୦୨୦




ବ୍ରହ୍ମପୁର:ଟାଟା ଷ୍ଟିଲ ପକ୍ଷରୁ ଆୟୋଜିତ 'ଉଡ଼ାନ' ନାମକ ଗୋଷ୍ଠୀ କେନ୍ଦ୍ରିକ କାର୍ଯ୍ୟକ୍ରମ ଆଜି ଗୋପାଳପୁରସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଉଦ୍‌ଘାଟିତ ହୋଇଯାଇଛି। ଟାଟା ଷ୍ଟିଲ ଗୋପାଳପୁର ପ୍ରକଳ୍ପର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଅଞ୍ଚଳ ମଧ୍ୟରେ ଗାମ ଜିଲ୍ଲାର ୩ଟି ବ୍ଲକ୍‌ରେ ଥିବା ୩୩ଟି ଗ୍ରାମ ପଞ୍ଚାୟତ ଅ'ର୍ଗତ ୧୦୬ଟି ଗ୍ରାମ ଅ'ର୍ଭୁକ୍ତ। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସଫଳତାର କାହାଣୀ ଜଣାଇବା ସହିତ ବିପର୍ଯ୍ୟୟ ବିପଦ ହ୍ରାସ କରିବା ଦ୍ୱାରା ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ନିଜକୁ ରକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଆର୍ଥିକ ରୂପେ ଅନଗ୍ରସର ଅନୁସୂଚୀତ ଜାତି ଓ ଜନଜାତି ପରିବାରର ୧୨୮ ଜଣ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଶିକ୍ଷାଗତ ଓ କ୍ୟାରିୟର ଗଢିବାରେ ସହାୟତା ପ୍ରଦାନ କରିବା ଲକ୍ଷ୍ୟରେ ଜ୍ୟୋତି ମେଧା ବୃତ୍ତି ପ୍ରଦାନ କରାଯାଇଛି। ଚଳିତ ବର୍ଷ ଗୋପାଳପୁରଠାରେ ଜ୍ୟୋତି ମେଧା ବୃତ୍ତି ବାବଦରେ ମୋଟ ୭ଲକ୍ଷ ୪୨ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟାଟା ଷ୍ଟିଲର 'ଜନଜାତି ସାଂସ୍କୃତିକ ସମିତି' (ଟ୍ରାଇବାଲ କଲଚରାଲ ସୋସାଇଟି) କମ୍ପାନୀର କାର୍ଯ୍ୟକ୍ଷେତ୍ରର ପାରିପାର୍ଶ୍ୱିକ ଅଞ୍ଚଳରେ ବିଭିନ୍ନ ପରୀକ୍ଷା ମାଧ୍ୟମରେ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଉକ୍ତ ବୃତ୍ତି ନିମନ୍ତେ ଚୟନ କରିଥାଏ। ଗତ ବର୍ଷ ୧୪୧ ଜଣ ଛାତ୍ରଛାତ୍ରୀଙ୍କୁ ଉକ୍ତ ବୃତ୍ତି ପ୍ରଦାନ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ପାର୍ଶ୍ୱବର୍ତ୍ତୀ ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ କିଶୋରୀ ବାଳିକାମାନଙ୍କୁ ଏକତ୍ରିତ କରି ଜଳବାୟୁ ସମ୍ପର୍କିତ ମାମଲା ଉପରେ ଆଲୋଚନା କରାଯାଇଥିଲା। ୨୦୧୬ ମସିହାରୁ ଆରମ୍ଭ ହୋଇଥିବା ଉଡାନ କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ ଟାଟା ଷ୍ଟିଲର ଗୋପାଳପୁର ପ୍ରକଳ୍ପ କାର୍ଯ୍ୟକ୍ଷେତ୍ର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ଏକତ୍ରିତ କରୁଛି, ଯେଉଁଠାରେ ସେମାନଙ୍କ ଉଦ୍ୟମକୁ ମାନ୍ୟତା ପ୍ରଦାନ କରାଯିବା ସହିତ ସ୍ଥାନୀୟ ଅଞ୍ଚଳର ବିକାଶ ଯାତ୍ରାରେ ସେମାନଙ୍କୁ ସାମିଲ ହେବା ପାଇଁ ପ୍ରୋତ୍ସାହିତ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ଅବସରରେ ଗାମ ଜିଲ୍ଲାପାଳ ଶ୍ରୀ ବିଜୟ ଅମୃତ କୁଲାଙ୍ଗେ ଗାମ ଜିଲ୍ଲାରେ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଟାଟା ଷ୍ଟିଲର ପଦକ୍ଷେପକୁ ପ୍ରଶଂସା କରିଥିଲେ। ବର୍ତ୍ତମାନ ସମୟରେ ଏକ ଭଲ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ଉଭୟ ଘରୋଇ ଓ ସରକାରୀ ସଂସ୍ଥା ଏଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ମିଳିତ ଭାବେ କାର୍ଯ୍ୟ କରିବା ଉଚିତ ବୋଲି ସେ ମତ ପ୍ରକାଶ କରିଥିଲେ। ଟାଟା ଷ୍ଟିଲ ଗ୍ରାମୀଣ ବିକାଶ ସଂସ୍ଥା (ଟିଏସ୍‌ଆରଡିଏସ୍) ଦୀର୍ଘସ୍ଥାୟୀ ବିକାଶକୁ ସୁନିଶ୍ଚିତ କରିବା ପାଇଁ ଜଳବାୟୁ ପରିବର୍ତ୍ତନ ଅନୁକୂଳନ ଓ ବିପର୍ଯ୍ୟୟ ବିପଦକୁ ହ୍ରାସ କରିବା କାର୍ଯ୍ୟକୁ ସମନ୍ୱିତ କରିଛି। ଏହି ଅବସରରେ ଟାଟା ଷ୍ଟିଲ ଓଡ଼ିଶାର ସିଏସ୍‌ଆର ବିଭାଗ ମୁଖ୍ୟ ଶ୍ରୀ ଅମ୍ବିକା ପ୍ରସାଦ ନନ୍ଦ କହିଛନ୍ତି, ଅନୁକୂଳନ ଲକ୍ଷ୍ୟକୁ ଆଗେଇ ନେବା ପାଇଁ ସ୍ଥାନୀୟ ଲୋକମାନଙ୍କୁ ଏକତ୍ରିତ କରିବା ଲକ୍ଷ୍ୟରେ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

## ଭାଲେଟାଂଇନ୍ ଡେ' ଅବସରରେ ସେନ୍‌କୋ ଗୋଲ୍‌ଡ ଆଣ୍ଡ୍ ଡାଇମଣ୍ଡସ୍‌ର "ପରଫେକ୍ଟ ଲଭ୍' କଲେକ୍ସନ

ଭୁବନେଶ୍ୱର: ଭାଲେଟାଂଇନ୍ସ ଡେ' ଉପଲକ୍ଷେ ସେନ୍‌କୋ ଗୋଲ୍‌ଡ ଆଣ୍ଡ୍ ଡାଇମଣ୍ଡସ୍ ପକ୍ଷରୁ "ପରଫେକ୍ଟ ଲଭ୍' ସମ୍ଭାରକୁ ଉନ୍ମୋଚନ କରାଯାଇଛି। କଂପାନି ତରଫରୁ ଏହି କଲେକ୍ସନରେ ରଖାଯାଇଛି ହାର୍ଟ ଓ ତୀର ହୀରାର ଗହଣା। ଏହି ଗହଣା ସମ୍ଭାରରେ ରହିଛି ଇୟର ରିଙ୍ଗ, ମୁଦି, ପେଣ୍ଡାନ୍‌ଟ, ନୋଜ୍ ପିନ୍ ଓ ସିଙ୍ଗଲ୍ ଡାଇମଣ୍ଡ ଷ୍ଟଡ୍।ସେନ୍‌କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ଏହାର ଉତ୍କୃଷ୍ଟ କାରିଗରୀ ପାଇଁ ଜଣାଶୁଣା। ପରଫେକ୍ଟ ଲଭ୍‌ରେ ଥିବା ଗହଣାରେ ହୃଦୟ ଓ ତୀର ଭଳି କଟା ଯାଇଥିବା ହୀରା ରହିଛି। ଏହାର ରଙ୍ଗ, ସ୍ୱଚ୍ଛତା, କ୍ୟାରେଟ୍ ଓ କଟ୍ ଏହା ନିଶ୍ଚିତ କରୁଛି ଯେ କମ୍ ପରିମାଣର ଆଲୋଚନା ପଡ଼ିଲେ ମଧ୍ୟ ଏହା ଚମକି ଉଠିବ। ଏହି ନୂତନ ଗହଣା ସମ୍ଭାର ସମ୍ପର୍କରେ ସେନ୍‌କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶୁଭଙ୍କର ସେନ୍ କହିଛନ୍ତି ଯେ, "ଆମର ପରଫେକ୍ଟ ଲଭ୍ କଲେକ୍ସନର ପ୍ରତିଟି ହୀରା ତୃଟିମୁକ୍ତ ଏବଂ ବିରଳ ହୃଦୟ ଓ ତୀର ଭଳି ଉତ୍କୃଷ୍ଟ କାରିଗରୀରେ ତାହାକୁ କଟାଯାଇଛି ଯାହା ଅଧିକ ଆଲୋକ ପ୍ରଦାନ କରି ସର୍ବାଧିକ ଭଲ ଦେଖାଯିବ। ଆମେ ଭଲ ପାଉଥିବା ଲୋକଙ୍କ ଠାରେ ଅନେକ ତ୍ରୁଟି ଥିଲେ ମଧ୍ୟ ଆମକୁ ସେ ବହୁତ ଭଲ ଲାଗନ୍ତି ଏବଂ ତେଣୁ ସେମାନେ ପରଫେକ୍ଟ ଲଭ୍ ଭଳି ତ୍ରୁଟିହୀନ ହୀରା ପାଇବାକୁ ହକଦାର।"

## ଆକାଶ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ସ୍ୱାର୍କ ବିଷୟରେ ଘୋଷଣା-ସପ୍ତମରୁ ନବମ ଶ୍ରେଣୀ ପର୍ଯ୍ୟ'ର ଯୋଗ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଜାତୀୟ ସ୍ତରର ସ୍କଲାରସିପ୍ ପରୀକ୍ଷା

ନୂଆଦିଲ୍ଲୀ/ ଭୁବନେଶ୍ୱର: ସାରା ଦେଶରେ ୨୦୦ରୁ ଅଧିକ କେନ୍ଦ୍ର ସହିତ ଡାକ୍ତର ଓ ଆଇଆଇଟି ଆଶାୟୀଙ୍କୁ ପରୀକ୍ଷା ପ୍ରସ୍ତୁତି ସେବା ପ୍ରଦାନ କରିବାରେ ଜାତୀୟ ସ୍ତରର ଅଗ୍ରଣୀ ସଂସ୍ଥା ଆକାଶ ଏଡୁକେସନାଲ୍ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍) ପକ୍ଷରୁ ଆକାଶ ସ୍ୱାର୍କ ନାମକ ନୂଆ ସ୍କଲାରସିପ୍ ପରୀକ୍ଷା ବିଷୟରେ ଘୋଷଣା କରାଯାଇଛି। ଏହାର ଲକ୍ଷ୍ୟ ହେଉଛି ସପ୍ତମରୁ ନବମ ଶ୍ରେଣୀ ପର୍ଯ୍ୟ'ର ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସ୍ୱପ୍ନ ପୂରଣ କରିବା ଉଦ୍ୟମର ପ୍ରଥମ ପଦକ୍ଷେପ ଗ୍ରହଣ କରିବା ଲାଗି ସୁଯୋଗ ପ୍ରଦାନ କରିବା।ଚଳିତ ବର୍ଷ ଠାରୁ ପ୍ରଥମ ଥର ଲାଗି ଆକାଶ ସ୍ୱାର୍କ ପ୍ରଦାନ କରାଯାଉଛି ଏବଂ ଏହା ହେଉଛି ସପ୍ତମରୁ ଅଷ୍ଟମ ଶ୍ରେଣୀକୁ ଯାଉଥିବା, ଅଷ୍ଟମରୁ ନବମ ଶ୍ରେଣୀକୁ ଯାଉଥିବା ଓ ନବମରୁ ଦଶମ ଶ୍ରେଣୀକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ। ଏହି ପରୀକ୍ଷା ଦେଶର ୨୪ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରେ ୨୦୨୦ ମାର୍ଚ୍ଚ ୧୫ ତାରିଖରେ ଅନୁଷ୍ଠିତ ହେବ।ଆକାଶ ସ୍ୱାର୍କ ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବା ଏବଂ ଟ୍ୟୁସନ ଫି' ଉପରେ ୯୦% ପର୍ଯ୍ୟ' ସ୍କଲାରସିପ୍ ହାସଲ କରିବାର ସୁଯୋଗ ପ୍ରଦାନ କରିବ। ଛାତ୍ରଛାତ୍ରୀଙ୍କୁ ବିନା କୌଣସି ଆର୍ଥିକ ପ୍ରତିବନ୍ଧକରେ ଏଇଏସ୍‌ଏଲ୍‌ର କୋଚିଂ ନେବାକୁ ସଶକ୍ତ କରିବା ଲାଗି ସ୍ୱାର୍କ ଜରିଆରେ ଆକାଶ ଲକ୍ଷ୍ୟ ରଖିଛି।ଏହି ନୂତନ ସ୍କଲାରସିପ୍ ବିଷୟରେ ଘୋଷଣା କରିବା ଅବସରରେ ମ'ବ୍ୟ ଦେଇ ଶ୍ରୀଯୁକ୍ତ ଆକାଶ ଚୌଧୁରୀ, ନିର୍ଦ୍ଦେଶକ ଓ ସିଇଓ, ଆକାଶ ଏଡୁକେସନାଲ୍ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍) କହିଛନ୍ତି ଯେ, 'ସଫଳତା ପାଇବାକୁ ହେଲେ, ଆପଣଙ୍କ ଲକ୍ଷ୍ୟ ଦିଗରେ ପଦକ୍ଷେପ ଗ୍ରହଣ କରିବା ଅତ୍ୟ' ଗୁରୁତ୍ୱପୂର୍ଣ୍ଣ। ଚଳିତ ବର୍ଷ ଠାରୁ, ଆମେ ଉଲ୍ଲାସର ସହିତ ଆକାଶ ସ୍ୱାର୍କ ଉପସ୍ଥାପନ କରୁଛୁ ଯାହା ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ସ୍ତରରେ ସ୍କଲାରସିପ୍ ହାସଲ କରିବାର ସୁଯୋଗ ପ୍ରଦାନ କରିବ। ଆମର ବିଶ୍ୱାସ ରହିଛି ଯେ ସ୍ୱାର୍କ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶ୍ରେଷ୍ଠ ଉତ୍ସାହ ସୃଷ୍ଟି କରିବ ଏବଂ ସେମାନଙ୍କୁ ନିଜର ସ୍ୱପ୍ନ ପୂରଣ କରିବା ପଥକୁ ସାକାର କରିବା ଉଦ୍ୟମ ଲାଗି ସହାୟକ ହେବ।'

## ଆଦିତ୍ୟ ଆଲୁମିନିୟମ ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର: ମହିଳା ସଶକ୍ତୀକରଣର ଅଂଶ ସ୍ୱରୂପ ଆଦିତ୍ୟ ବିର୍ଲା ଗ୍ରୁପ୍ କଂପାନି ଆଦିତ୍ୟ ଆଲୁମିନିୟମ ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ଗୁଡ଼ିକର ମୁଖ୍ୟମାନଙ୍କ ମଧ୍ୟରେ ନେତୃତ୍ୱ ଦକ୍ଷତା ବିକଶିତ କରିବା ଲାଗି ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଏହାର ସିଏସ୍‌ଆର୍ ଅଭିଯାନ ଅଧୀନରେ ଫେବ୍ରୁଆରି ୨୪-୨୫ରେ ଆୟୋଜନ କରାଯାଇଥିବା ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ୧୫ଟି ଏସଏଚଜିର ପ୍ରାୟ ୩୦ ନେତୃତ୍ୱ ନେଉଥିବା ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଦିର୍ଘ ୧୭ ବର୍ଷରୁ ଅଧିକ ସମୟ ଧରି ଏସଏଚଜିଗୁଡ଼ିକୁ ପ୍ରଶିକ୍ଷଣ ପ୍ରଦାନ କରୁଥିବା ରିସୋର୍ସ ପର୍ସନ ସୁଧୀର ଦାଶ ମହିଳାମାନଙ୍କୁ ତାଲିମ ପ୍ରଦାନ କରିଛନ୍ତି।କଂପାନି ବିଶ୍ୱାସ କରୁଛି ଯେ ଉପଯୁକ୍ତ ସହଯୋଗ ଦ୍ୱାରା ଏହି ଏସଏଚଜି ସଦସ୍ୟ ଯେଉଁମାନେ ସମାଜରେ 'ପରିବର୍ତ୍ତନର ଦୂତ' ଭାବେ ଏବଂ ବିଭିନ୍ନ ସାମାଜିକ ସମସ୍ୟା ଉପରେ କାର୍ଯ୍ୟ କରୁଛନ୍ତି ସେମାନେ ସଫଳ ଉଦ୍ୟୋଗୀରେ ପରିଣତ ହୋଇପାରିବେ ଏବଂ ବେକାର ଯୁବପିଢ଼ିଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ସହିତ ନିଜ ପରିବାରର ଆର୍ଥିକ ସ୍ଥିରତା ପ୍ରତି ସହଯୋଗ ପ୍ରଦାନ କରିପାରିବେ।

## ଭିଟ୍‌ସ ଭୁବନେଶ୍ୱର ପକ୍ଷରୁ ସିଜଲ ରେଷ୍ଟୁରାଣ୍ଟରେ କବାବ ଓ ବିରିୟାନୀ ଫେଷ୍ଟିଭାଲ

ଭୁବନେଶ୍ୱର: ଭିଟ୍‌ସ ଭୁବନେଶ୍ୱର ପକ୍ଷରୁ ସିଜଲ ରେଷ୍ଟୁରାଣ୍ଟରେ ଆସନ୍ତା ୧୪ରୁ ୨୮ ଫେବୃଆରୀ ପର୍ଯ୍ୟନ୍ତ 'କବାବ ଆଣ୍ଡ ବିରିୟାନୀ' ଫେଷ୍ଟିଭାଲ ଆୟୋଜନ କରାଯିବ । ଏହି ଅବସରରେ ଆପଣ ସମସ୍ତଙ୍କୁ କବାବ ଏବଂ ବିରିୟାନୀର ଏକ ସୁସ୍ୱାଦକର ଅନୁଭୂତି ଦେବା ନିମନ୍ତେ ହୋଟଲ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇଯାଇଛି । ଏଠାରେ ଲଞ୍ଚ (ମଧ୍ୟାହ୍ନ ୧୨.୩୦ରୁ ଅପରାହ୍ନ ୩.୩୦ ପର୍ଯ୍ୟ') ଏବଂ ଡିନର(ସଂନ୍ଧ୍ୟା ୭.୩୦ରୁ ରାତି ୧୦.୩୦) ଉପରେ ଦୁଇଜଣଙ୍କ ପାଇଁ ମିଲ୍‌ର ମୂଲ୍ୟ ୭୦୦ଟଙ୍କା ରୁ ୧୦୦୦ଟଙ୍କା ପର୍ଯ୍ୟ' ରହିଛି । ଆପଣଙ୍କ ସ୍ୱାଦ ଅନୁରୂପ ସୁସ୍ୱାଦୁ କବାବଗୁଡ଼ିକ ମଧ୍ୟରେ ଯେପରିକି ଗୁଲାବି କବାବ ମୁର୍ଗ ଇରାନି ଟିକ୍କା, ମୁର୍ଗ ଭରୱା ଗଡ଼ୱାଲି କବାବ, ଭରୱା କୁମ୍ଭ କବାବ, ପନିର ମୁଲତାନୀ କବାବ, ଫଲୋଁ କା ବାହାର, ମୁର୍ଗ ଚପଲି କବାବ୍, ଦହି ସୋଫିୟାନୀ ମଛି କବାବ୍, କସ୍ତୁରୀ ମେଥି ମଛି କବାବ୍, ଗୋଷ୍ଟ ସ୍ମୋକି କବାବ୍ , ତନ୍ଦୁରୀ ଝିଙ୍ଗା ଲାଜବାବ୍, ତନ୍ଦୁରୀ ଚିଜି ଝିଙ୍ଗା ରହିଛି । ଏହା ସହିତ ମଟନ ବିରିୟାନୀ(ପରଦା, ମୁକ୍ତ, ଦମ), ଚିକେନ ବିରିୟାନୀ (ପରଦା, ମୁକ୍ତ, ଦମ), ସେଫ ସ୍ପେସିୟଲ ଭେଜ ବିରିୟାନୀ (ପରଦା, ମୁକ୍ତ, ଦମ) ଭଳି ଭିନ୍ନଭିନ୍ନ ବିରିୟାନୀ ମଧ୍ୟ ରହିଛି । ଏହିଭଳି ଏକ ସୁଯୋଗ ଏବଂ ନିଆରା ଡାଇନିଙ୍ଗ ଅନୁଭୂତିକୁ ହାତଛଡ଼ା କରନ୍ତୁ ନାହିଁ ! ଏକ ସ୍ମରଣୀୟ ମୁହୂର୍ତ୍ତ ସାଉଁଟିବା ପାଇଁ ଭିଟ୍‌ସ ଭୁବନେଶ୍ୱରକୁ ଆସନ୍ତୁ ।

## ବ୍ୟବସାୟ ପ୍ରତିଷ୍ଠାନ ଓ ସାମାଜିକ ସ୍ତରରେ ସଚେତନ ସଂଗଠନକୁ ନିର୍ଦ୍ଦିଷ୍ଟ ରୂପଦେବାକୁ ଆଇଆଇଏମ୍ ସମ୍ବଲପୁର (ଆଇଆଇଏମ୍-ଏସ୍)ର ମ୍ୟାନେଜମେଣ୍ଟ ବିକାଶ କାର୍ଯ୍ୟକ୍ରମ

ସମ୍ବଲପୁର: ଭାରତ ଏବଂ ସମଗ୍ର ବିଶ୍ୱରେ ବାଣିଜ୍ୟରେ ପରିବର୍ତ୍ତନ ଧାରା ପରିପ୍ରେକ୍ଷୀରେ ବ୍ୟବସାୟ ଓ ଅଣ-ବ୍ୟବସାୟ ସଂସ୍ଥା ଏବଂ ସେଗୁଡ଼ିକର ନେତୃମଣ୍ଡଳୀ ତିଷ୍ଠି ରହିବାକୁ ହେଲେ ସେମାନଙ୍କୁ ପୁନଃ ଆବିଷ୍କାର କରିବା ଅତ୍ୟ' ଜରୁରୀ ହୋଇପଡିଛି। ଏହି ପରିବର୍ତ୍ତିତ ପରିବେଶରେ ଏକ ସମୟରେ ବ୍ୟବସାୟର ପରିଚାଳନା, ସମ୍ବଳ ପରିଚାଳନା, ଆମ୍ ପରିଚାଳନା ଏବଂ ସଂପୃକ୍ତ ଅଂଶୀଦାରମାନଙ୍କର ପରିଚାଳନା ସହିତ ଏକ ପ୍ରତିଷ୍ଠାନ ପାଇଁ ପ୍ରତିଯୋଗିତାମୂଳକ ଫାଇଦା ଆଣିଦେବା, ଶୁଣିବାକୁ ଯେମିତି ସହଜ ଲାଗୁଛି ବାସ୍ତବ କ୍ଷେତ୍ରରେ ସେଭଳି ସମ୍ଭବ ହୋଇନପାରେ। ଏହାକୁ ଦୃଷ୍ଟିରେ ରଖି ଦେଶର ନୂଆ ପିଢ଼ିର ଆଇଆଇଏମ୍‌ଗୁଡ଼ିକ ମଧ୍ୟରେ ଅନ୍ୟତମ ଉଦୀୟମାନ ପ୍ରଗତିଶୀଳ ପ୍ରତିଷ୍ଠାନ ଆଇଆଇଏମ୍ ସମ୍ବଲପୁର, ବ୍ୟବସାୟ ପ୍ରତିଷ୍ଠାନ, ସାମାଜିକ ଓ ଶିକ୍ଷା ଅନୁଷ୍ଠାନ ଏବଂ ସେଗୁଡ଼ିକର ନେତୃତ୍ୱ ନେଉଥିବା ବ୍ୟକ୍ତିବିଶେଷଙ୍କୁ ପରିବର୍ତ୍ତନ ସମୟରେ ତିଷ୍ଠି ରହିବା ତଥା ମୂଲ୍ୟସୃଷ୍ଟି ଦିଗରେ ମାର୍ଗଦର୍ଶନ କରିବାକୁ ଏକ 'ମ୍ୟାନେଜମେଣ୍ଟ ଡେଭେଲପମେଣ୍ଟ ପ୍ରୋଗ୍ରାମ' (ଏମ୍‌ଡିପି) ହାତକୁ ନେଇଛି। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ, ସମ୍ବଲପୁରର ଡାଇରେକ୍ଟର ପ୍ରଫେସର ମହାଦେଓ ଜୈସୱାଲ କହିଛନ୍ତି, 'ଆମ ଚାରିପଟେ ଥିବା ବିଶ୍ୱରେ ଲଗାତର ପରିବର୍ତ୍ତନ ଘଟୁଛି। ତିଷ୍ଠି ରହିବାକୁ ହେଲେ, ଆମକୁ ଏହାଦ୍ୱାରା ଆସୁଥିବା ଯେକୌଣସି ଆହ୍ୱାନର ମୁକାବିଲା କରିବା ପାଇଁ ପରିବର୍ତ୍ତନ ସହିତ ତାଳଦେଇ ଗତିକରିବାକୁ ହେବ। କୌଣସି ବ୍ୟବସାୟ ପ୍ରତିଷ୍ଠାନ ଅଥବା ଯେକୌଣସି ସଂଗଠନ ପରିଚାଳନା କ୍ଷେତ୍ରରେ ଏହା ଅଧିକ ସମୀଚିନ ମନେହେଉଛି।

## ମାରୁତି ସୁଜୁକି ପକ୍ଷରୁ ଏହାର ନୂତନ ଭିଟାରା ବ୍ରିଜା ଉନ୍ମୋଚିତ

ଭୁବନେଶ୍ୱର: ଅଟୋ ଏକ୍ସପୋ ୨୦୨୦ରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଏହାର ନୂତନ କାର୍ ଭିଟାରା ବ୍ରିଜାର ଉନ୍ମୋଚନ କରାଯିବା ସହିତ ଏହାର ମୂଲ୍ୟ ଘୋଷଣା କରାଯାଇଛି। ଏହାର ନୂତନତମ ଫର୍ମରେ କମ୍ପାକ୍ଟ ଏସ୍‌ୟୁଭି ଭିଟାରା ବ୍ରିଜା ଉନ୍ନତ ସ୍ପୋର୍ଟିନେସ୍, ବୋଲ୍ଡର୍ ଲୁକ୍, ମଜଭୁତ ଉପସ୍ଥିତି, ପ୍ରିମିୟମ ଇଂଟେରିୟର ଓ ଏକାଧିକ ଅତ୍ୟାଧୁନିକ ବୈଶିଷ୍ଟ୍ୟ ପ୍ରଦାନ କରୁଛି। ଶକ୍ତିଶାଳୀ ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ ଇଂଜିନ୍ ଦ୍ୱାରା ସଂଚାଳିତ ଭିଟାରା ବ୍ରିଜା ନିଶ୍ଚିତ ରୂପେ ଗ୍ରାହକଙ୍କୁ ଆକର୍ଷିତ କରୁଛି। ଏହି କମ୍ପାକ୍ଟ ଏସ୍‌ୟୁଭିରେ ସ୍ମାର୍ଟ ହାଇବ୍ରିଡ୍ ସହ ୫-ସ୍ପିଡ୍ ମାନୁଆଲ ଓ ଅତ୍ୟାଧୁନିକ ଅଟୋମାଟିକ୍ ଟ୍ରାନ୍ସମିଶନ ରହିଛି। ନୂଆ ଭିଟାରା ବ୍ରେଜା ୩ଟି ନୂତନ ଡୁଆଲ ଟୋନ୍ କଲର୍ ଅପ୍‌ସନ ସିଜ୍‌ଲିଙ୍ଗ୍ ରେଡ୍ ସହ ମିଡ୍‌ନାଇଟ୍ ବ୍ଲାକ୍ ରୁଫ୍, ଟର୍କ ବ୍ଲୁ ସହ ମିଡ୍‌ନାଇଟ୍ ବ୍ଲାକ୍ ରୁଫ୍ ଓ ଗ୍ରାନାଇଟ୍ ଗ୍ରେ ସହ ଅଟମ୍ନ ଅରେ ରୁଫ୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ର ଏକ୍ସ ଶୋରୁମ୍ ଦିଲ୍ଲୀ ମୂଲ୍ୟ ୭,୩୪,୦୦୦ ଟଙ୍କାରୁ ଆରମ୍ଭ ହେଉଛି।ନୂତନ ଭିଟାରା ବ୍ରିଜାର ଶୁଭାରମ୍ଭ ଅବସରରେ ମାରୁତି ସୁଜୁକି ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ କେନିଚି ଆୟୁକାୱା କହିଛନ୍ତି ଯେ, 'ଆମର ଗ୍ରାହକମାନେ ବିକଶିତ ହେଉଥିବା ବେଳେ ସେମାନଙ୍କର ଇଚ୍ଛା ଓ ଆକାଂକ୍ଷା ମଧ୍ୟ ବଢୁଛି। ଭିଟାରା ବ୍ରେଜା ଗତ ୪ ବର୍ଷ ମଧ୍ୟରେ ସର୍ବାଧିକ ଶକ୍ତିଶାଳୀ ବ୍ରାଣ୍ଡରେ ପରିଣତ ହୋଇପାରିଛି। ଏହି ମଜଭୁତ, ସହରୀ ଓ ପ୍ରିମିୟମ ଦୃଷ୍ଟିକୋଣକୁ ବଜାୟ ରଖି ନୂଆ ଭିଟାରା ବ୍ରିଜା ଅଧିକ ବୋଲ୍ଡର, ସ୍ପୋର୍ଟିୟର ଓ ଶକ୍ତିଶାଳୀ ହୋଇଛି।

## ଜାତୀୟ ସ୍ତରରେ ୫୦ତମ ପଦକ ଜିତିଲେ ଗୁଜରାଟ ୟୁନିଭର୍ସିଟିର ସ୍ୱିମର୍ କଲ୍ୟାଣୀ ସକ୍ସେନା

ଭୁବନେଶ୍ୱର: ଆଜି ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡାରେ ଗୁଜରାଟ ସ୍ୱିମର୍ କଲ୍ୟାଣୀ ସକ୍ସେନା ଜାତୀୟ ସ୍ତରରେ ୫୦ତମ ପଦକ ଜିତି ଏକ ସ୍ୱତନ୍ତ୍ର ବ୍ୟକ୍ତିଗତ ଉପଲବ୍ଧି ହାସଲ କରିଛନ୍ତି। ମାତ୍ର ୨୦ ବର୍ଷ ବୟସର କଲ୍ୟାଣୀ ପୁନେରେ ଆୟୋଜିତ ହୋଇଥିବା ୨୦୧୯ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଗୁଜରାଟ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିଲେ ଏବଂ ଗୌହାଟୀରେ ଆୟୋଜିତ ଚଳିତ ବର୍ଷର ସଂସ୍କରଣରେ ମଧ୍ୟ ୫ଟି ପଦକ ଜିତିଥିଲେ ଯାହାକି ଇଭେଂଟ୍‌ରେ ଜଣେ ସ୍ୱିମର୍‌ଙ୍କ ପାଇଁ ସର୍ବାଧିକ ଥିଲା। ସେହିପରି ପ୍ରଥମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡାରେ ଅଂଶଗ୍ରହଣ କରିଥିବା କଲ୍ୟାଣୀ ବୀର ନରମଦ ସାଉଥ୍ ଗୁଜୁରାଟ ୟୁନିଭର୍ସିଟି ପାଇଁ ବର୍ତ୍ତମାନ ସୁଦ୍ଧା ୪ଟି ପଦକ ଜିତିସାରିଲେଣି। କଲ୍ୟାଣୀଙ୍କ କହିବା ଅନୁସାରେ, ଜଣେ ସ୍ୱିମର୍‌ଙ୍କୁ ସୁଧାର ଜାରି ରଖିବା ପାଇଁ ଦୈନିକ ପୁଲ୍ ଟାଇମ୍‌ର ଆବଶ୍ୟକତା ରହିଛି। ପ୍ରତିଯୋଗିତାର ମାନ ମଧ୍ୟ ଏକ ବଡ ପରିବର୍ତ୍ତନ ଆଣିଥାଏ। ଏଠାରେ




ଭୁବନେଶ୍ୱରରେ ତାଙ୍କ ଇଭେଂଟରେ ପ୍ରତିଯୋଗିତାର ମାନ ଖୁବ୍ ଉଚ୍ଚ ଥିଲା , ତେଣୁ ମୋ ଟାଇମିଙ୍ଗ୍‌ରେ ସୁଧାର ଆସିଥିଲା। ଏଠାରେ ମୋ ଠାରୁ ବୟସରେ ବଡ ତଥା ଅଧିକ ଅଭିଜ୍ଞତା ଥିବା ସ୍ୱିମର୍‌ମାନଙ୍କ ସହ ପ୍ରତିଯୋଗିତା କରିବା ମୋ ପାଇଁ ଲାଭଦାୟକ ଥିଲା। ଏଠାରେ ମୁଁ କିଛି ଇଭେଂଟରେ ଛୋଟ ଛୋଟ ଭୁଲ କରିଥିଲି; ଯାହାକୁ ସୁଧାରିବାର ଆବଶ୍ୟକତା ରହିଛି। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡା ପରେ କଲ୍ୟାଣୀ କିଛି ମାସ ପାଇଁ ପ୍ରତିଯୋଗିତାରୁ ଦୂରେଇ ରହି ନିଜ ପ୍ରଶିକ୍ଷଣ ଉପରେ ଅଧିକ ଧ୍ୟାନ ଦେବେ ବୋଲି କହିଛନ୍ତି। ସେ ଜାତୀୟ ସ୍ତରରେ ନିଜର ୫୦ତମ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ଖୁସି ବ୍ୟକ୍ତ କରିଥିଲେ। ସେହିପରି କଲ୍ୟାଣୀଙ୍କ ପିତା ତଥା କୋଚ୍ ଅଜୟ ସକ୍ସେନା କହିଛନ୍ତି ଯେ, "ମୁଁ ଗତ କିଛି ସପ୍ତାହ ହେବ ତାଙ୍କ ଉପରେ କାମ କରି ଆସୁଛି ଓ ତାଙ୍କର ଦୁର୍ବଳ ଷ୍ଟ୍ରୋକ୍‌ଗୁଡିକୁ ମଜଭୁତ କରିବାକୁ ଚେଷ୍ଟା କରୁଛି। କଲ୍ୟାଣୀଙ୍କର ସବୁଠାରୁ ମଜଭୁତ ଷ୍ଟ୍ରୋକ୍ ହେଉଛି ବଟରଫ୍ଲାଏ, ତେଣୁ ସେ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତାଙ୍କର ମୁଖ୍ୟ ଧ୍ୟାନ ପ୍ରଶିକ୍ଷଣ ଓ ଫ୍ରିଷ୍ଟାଇଲ ଉପରେ ରହିଛି।"

## ରାଇଟ୍ ଟୁ ପ୍ରୋଟିନ୍ ପକ୍ଷରୁ ଭାରତର ପ୍ରଥମ 'ପ୍ରୋଟିନ୍ ଡେ' ଘୋଷିତ

ଭୁବନେଶ୍ୱର: ଏକ ଜାତୀୟ ସ୍ତରୀୟ ସାର୍ବଜନିନ ସ୍ୱାସ୍ଥ୍ୟ ଅଭିଯାନ ରାଇଟ୍ ଟୁ ପ୍ରୋଟିନ୍ ପକ୍ଷରୁ ପ୍ରୋଟିନ୍‌ର ସ୍ୱାସ୍ଥ୍ୟଗତ ଲାଭ ସମ୍ପର୍କରେ ଲୋକମାନଙ୍କ ଧ୍ୟାନ ଆକର୍ଷଣ କରିବା, ସଚେତନତା ସୃଷ୍ଟି କରିବା ଓ ଭାରତୀୟମାନଙ୍କୁ ଏହି ପ୍ରସଙ୍ଗରେ ଶିକ୍ଷିତ କରିବା ପାଇଁ ଭାରତର ପ୍ରଥମ 'ପ୍ରୋଟିନ୍ ଡେ'ର ଶୁଭାରମ୍ଭ କରାଯାଇଛି। ଆ'ର୍ଜାତୀୟ ସ୍ତରରେ ଅନେକ ଦେଶ ଫେବୃଆରୀ ୨୭ ତାରିଖକୁ ପ୍ରୋଟିନ୍ ଡେ ରୂପେ ପାଳନ କରୁଛନ୍ତି ଏବଂ ଚଳିତ ବର୍ଷ ଠାରୁ ଭାରତ ମଧ୍ୟ ଏହି ଅଭିଯାନରେ ସାମିଲ ହେବ। ଏକ ଜାତୀୟ ସ୍ତରରେ ପାଳିତ ହେବାକୁ ଥିବା ପ୍ରୋଟିନ୍ ଡେ, ଭାରତୀୟ ନାଗରିକଙ୍କୁ ଉଦ୍ଭିଦ ଓ ପଶୁ ପ୍ରୋଟିନ୍‌ର ବିଭିନ୍ନ ପ୍ରକାରର ଉପଲବ୍ଧ ଉତ୍ସ ତଥା ଉନ୍ନତ ପୋଷଣ ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆମ ଦୈନନ୍ଦିନ ଆହାରରେ ସେଗୁଡିକର ଆବଶ୍ୟକତା ସମ୍ପର୍କରେ ପ୍ରୋତ୍ସାହିତ କରିବ। ସମସ୍ତ ଭାରତୀୟ, ପ୍ରତିଦିନ ନିଜକୁ ଓ ଅନ୍ୟମାନଙ୍କୁ 'ପ୍ରୋଟିନ୍ ମେଁ କ୍ୟା ହେଁ' ପଚାରିବା ପାଇଁ ପ୍ରୋଟିନ୍ ଡେ' ୨୦୨୦ର ବିଷୟବସ୍ତୁକୁ ଏକ ସ୍ମାରକ ଭାବେ କାର୍ଯ୍ୟ କରିବା ଲାଗି ପ୍ରସ୍ତୁତ କରାଯାଇଛି। ଏହି ଦିବସର କାର୍ଯ୍ୟକଳାପ ମାଧ୍ୟମରେ ପ୍ରୋଟିନ୍ ସମ୍ପର୍କରେ ଅଧିକ ଜ୍ଞାନର ପ୍ରସାର କରିବା ଏବଂ ଭାରତୀୟଙ୍କୁ ପ୍ରତ୍ୟେକ ଆହାରରେ ସର୍ବନିମ୍ନ ଗୋଟିଏ ପ୍ଲେଟ୍‌ର ଏକତୃତୀୟାଂଶ ଅର୍ଥାତ ପର୍ଯ୍ୟାପ୍ତ ପ୍ରୋଟିନ୍‌ର ଗ୍ରହଣ କରିବା ଦିଗରେ ପ୍ରୋତ୍ସାହିତ କରାଇ ଏକ ବ୍ୟବହାରିକ ପରିବର୍ତ୍ତନ ଆଣିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଭାରତୀୟ କୋଣ ଅନୁକୋଣରେ ଏହି ବାର୍ତ୍ତା ପହଂଚାଇବା ପାଇଁ ରାଇଟ୍ ଟୁ ପ୍ରୋଟିନ୍ ଅଭିଯାନ ଏକ ସୂଚନାତ୍ମକ ଭିଡିଓ ମଧ୍ୟ ଶୁଭାରମ୍ଭ କରିଛି, ଯାହା ଆମର ପ୍ରତି ଆହାରରେ ପ୍ରୋଟିନ୍‌କୁ ସାମିଲ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଉଛି ।ଏହି ରାଇଟ୍ ଟୁ ପ୍ରୋଟିନ୍ ଅଭିଯାନ ପ୍ରୋଟିନ୍ ପ୍ରତି ଅଧିକ ସଚେତନ ହେବା ଲାଗି ଲୋକମାନଙ୍କ ପାଇଁ ବିଭିନ୍ନ ଉତ୍ସଗୁଡ଼ିକ ସୃଷ୍ଟି କରିଛି। www.righttoprotien.com ରେ ଲଗ୍ ଅନ୍ କରି ଜଣେ ବ୍ୟକ୍ତି ସହଜରେ ପ୍ରୋଟିନ-ଓ-ମିଟର୍ ଟୁଲର ଆକ୍‌ସେସ୍ କରିପାରିବେ ଯାହାକି ଜଣେ ବ୍ୟକ୍ତିଙ୍କ ପ୍ରତିଦିନ ପ୍ରୋଟିନ୍ ଆବଶ୍ୟକତା ଆଧାରିତ ମୌଳିକ ବ୍ୟକ୍ତିଗତ ସୂଚନା ଯେପରିକି ବଡି ପ୍ରୋଫାଇଲ, ଜୀବନଶୈଳୀର ପ୍ରକାର ଓ ଦିନର ବିଭିନ୍ନ ସମୟରେ ଗ୍ରହଣ କରିଥିବା ଆହାର ଆଦିର ମୂଲ୍ୟାଙ୍କନ କରିଥାଏ। ସୂଚନା ବ୍ୟତୀତ ଜଣେ ବ୍ୟକ୍ତିଙ୍କ ସମ୍ଭାବ୍ୟ ପ୍ରୋଟିନ୍ ଗ୍ୟାପ୍ ଉପରେ ଏହି ପ୍ଲାଟ୍‌ଫର୍ମ ପ୍ରୋଟିନ୍ ଇଣ୍ଡେକ୍ସ ଗାଇଡ୍, ହେଲ୍‌ଥ ହାବିଟ୍, ପରାମର୍ଶ ମାଧ୍ୟମରେ ଅଧିକ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥାଏ ଏବଂ ରାଇଟ୍ ଟୁ ପ୍ରୋଟିନ୍‌ର ବ୍ଲଗ୍‌ଗୁଡିକ ଉପରେ ପ୍ରୋଟିନ୍ ସମ୍ପର୍କିତ ମନଗଢା କଥାକୁ ଦୂର କରିଥାଏ।ପ୍ରଖ୍ୟାତ ନ୍ୟୁଟ୍ରିସନ ଏକ୍ସପର୍ଟ, ମୁମ୍ବାଇର ଶ୍ରୀ ଭିଠଲଦାସ ଠାକେର୍‌ସେ କଲେଜ୍ ଅଫ୍ ହୋମ୍ ସାଇନ୍ସ (ଅଟୋନୋମସ) ଏସ୍‌ଏନ୍‌ଡିଟିଡବ୍ଲ୍ୟୁୟୁର ପ୍ରଫେସର ତଥା ପ୍ରିନ୍ସିପାଲ ଓ ଇଣ୍ଡିଆନ୍ ଡାଏଟିକ୍ ଆସୋସିଏଶନର ଜାତୀୟ ଅଧ୍ୟକ୍ଷ ଡଃ ଜଗମିତ ମଦନ କହିଛନ୍ତି ଯେ, 'ଭାରତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଗତି କରୁଥିଲେ ମଧ୍ୟ ଆମ ପାଇଁ ଏହା ଜାଣିବା ଜରୁରୀ ଯେ, ପରିବର୍ତ୍ତନର ଗୋଟିଏ ପଦକ୍ଷେପ ଆମକୁ ଉନ୍ନତ ସ୍ୱାସ୍ଥ୍ୟ ପ୍ରତି ଏକ ଦୀର୍ଘକାଳିନ ବ୍ୟବହାରିକ ପରିବର୍ତ୍ତନ ମାର୍ଗରେ ଆମକୁ ସ୍ଥାପିତ କରିପାରିବ।' ପୌଲ୍‌ଟ୍ରି ଫେଡେରେଶନ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ରମେଶ ଖତ୍ରିଙ୍କ କହିବା ଅନୁସାରେ, 'ଆମେ ଭାରତର ପ୍ରଥମ ପ୍ରୋଟିନ୍ ଡେ'ର ଅଂଶ ହୋଇ ଖୁବ୍ ଖୁସି ଅନୁଭବ କରୁଛୁ, ଏହି ଅଭିଯାନ ପ୍ରୋଟିନ୍ ଓ ସଠିକ୍ ଖାଦ୍ୟ ଖାଇବା ସମ୍ପର୍କରେ ଭାରତରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି।'


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com,paryabekhyak2020@rediffmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray